## ବିଦ୍ୟାଳୟ ନେତୃତ୍ୱ

TESS India

# ଉନ୍ମୁକ୍ତିକରଣ : ମାଧ୍ୟମିକ ବିଦ୍ୟାଳୟର ନେତୃତ୍ୱ ଏକ ସାମର୍ଥ୍ୟକାରୀ

## Orientation: the secondary school leader as enabler





ଭାରତରେ ବିଦ୍ୟାଳୟ ଭିତ୍ତିକ
ସହାୟତା ମାଧ୍ୟମରେ ଶିକ୍ଷକ ଶିକ୍ଷା

www.TESS-India.edu.in

The Open University

UKaid from the British people

CC BY SA
http://creativecommons.org/licenses/

ଏହି ବିଦ୍ୟାଳୟ ନେତୃତ୍ୱ ସମ୍ବନ୍ଧୀୟ ମୁକ୍ତ ଶିକ୍ଷଣ ସମ୍ବଳଟି ଟେସ୍ ଇଣ୍ଡିଆ ଦ୍ୱାରା ପ୍ରସ୍ତୁତ ହୋଇଥିବା 'ବିଦ୍ୟାଳୟ ନେତୃତ୍ୱ' ସମ୍ବନ୍ଧୀୟ ୨୦ଟି ପୁସ୍ତିକା ମଧ୍ୟରୁ ଅନ୍ୟତମ। ଏହି ପୁସ୍ତିକାଗୁଡ଼ିକ ବିଦ୍ୟାଳୟରେ ନେତୃତ୍ୱ ନେଉଥିବା ଶିକ୍ଷକ ଶିକ୍ଷୟତ୍ରୀଙ୍କ ଶିକ୍ଷଣ ଓ ବୃତ୍ତିଗତରେ ଉନ୍ନତି ଆଣି ଶ୍ରେଣୀ କକ୍ଷରେ ପାଠପଢାରେ ସହାୟତା କରିବ। ଏହି ପୁସ୍ତିକାଗୁଡ଼ିକ ବିଭିନ୍ନ ସିଦ୍ଧାନ୍ତ ଓ ପରିଚାଳନା ସମ୍ବନ୍ଧୀୟ ଅଭିଜ୍ଞତାକୁ ଭିତ୍ତିକରି ପ୍ରସ୍ତୁତ କରାଯାଇଛି। ଏହି ପୁସ୍ତିକାରେ ଦିଆଯାଇଥିବା ତଥ୍ୟକୁ ବିଦ୍ୟାଳୟର ନେତୃତ୍ୱ, ଶିକ୍ଷକ ଓ ସହାୟକ କର୍ମୀମାନେ ଅଭ୍ୟାସରେ ଆଣିଲେ ବିଦ୍ୟାଳୟରେ ସାମୁହିକ ଉନ୍ନତି ଆସିପାରିବ। ଏହି ପୁସ୍ତିକାଗୁଡ଼ିକ ପଠନ ପାଇଁ ଏକ ବିଦ୍ଧିବଧ ଖସଡା ପ୍ରସ୍ତୁତ କରିବାର ଆବଶ୍ୟକତା ଯଦିଓ ନାହିଁ ତଥାପି "ବିଦ୍ୟାଳୟର ମୁଖ୍ୟ ଜଣେ ସାମର୍ଥ୍ୟକାରୀ" ପୁସ୍ତିକାରୁ ପଠନ ଆରମ୍ଭ କରାଯାଇପାରେ। ଏହି ପୁସ୍ତିକାଗୁଡ଼ିକ ନିଜସ୍ୱ ପଠନ ପାଇଁ ଉଦ୍ଧିଷ୍ଟ ଓ ଏହାକୁ ନିଜର ପାଠାଗାରାରେ ରଖାଯାଇପାରେ। ଏହି ପୁସ୍ତିକାଗୁଡିକ ବିଦ୍ୟାଳୟ ନେତୃତ୍ୱ ନେଉଥିବା ପ୍ରଧାନ ଶିକ୍ଷକ ଶିକ୍ଷୟତ୍ରୀ, ଉପ ପ୍ରଧାନ ଶିକ୍ଷକ କିମ୍ବା ଅନ୍ୟ ଶିକ୍ଷକ ଯେଉଁମାନେ ବିଦ୍ୟାଳୟ ନେତୃତ୍ୱରେ ସାମିଲ ଅଛନ୍ତି ସେମାନଙ୍କ ପାଇଁ ଉଦ୍ଧିଷ୍ଟ।

ଭାରତରେ ବିଦ୍ୟାଳୟ ଭିତ୍ତିକ ସହଯୋଗ ମାଧ୍ୟମରେ ଶିକ୍ଷକ ଶିକ୍ଷା (ଟେସ-ଇଣ୍ଡିଆ) କାର୍ଯ୍ୟକ୍ରମ ଶିକ୍ଷକମାନଙ୍କୁ 'ମୁକ୍ତ ଶୈକ୍ଷିକ ସଂବଳ' ମାଧ୍ୟମରେ ଶିକ୍ଷାର୍ଥୀ କୈନ୍ଦ୍ରିକ, ସହଭାଗୀ ଶିକ୍ଷାପଦ୍ଧତିଗୁଡ଼ିକର ବିକାଶ କରିବାରେ ସହାୟତା ଦେବା ସହ ଭାରତରେ ଥିବା ପ୍ରାରମ୍ଭିକ ଓ ମାଧ୍ୟମିକ ଶିକ୍ଷକମାନଙ୍କ ଶ୍ରେଣୀଗୃହରେ କାର୍ଯ୍ୟଧାରା ଅଭିବୃଦ୍ଧି ପାଇଁ ଲକ୍ଷ୍ୟ ରଖିଛି । ଟେସ୍-ଇଣ୍ଡିଆର ଏହି 'ମୁକ୍ତ ଶୈକ୍ଷିକ ସଂବଳ' ଶିକ୍ଷକମାନଙ୍କ ପାଇଁ ବିଦ୍ୟାଳୟ ପାଠ୍ୟପୁସ୍ତକର ଏକ ସହଯୋଗୀ ଅଟେ । ଏଗୁଡ଼ିକ, ଅନ୍ୟ ଶିକ୍ଷକମାନେ ପ୍ରସଙ୍ଗଟିକୁ କିପରି ପଢ଼ାଇଛନ୍ତି ତାହା ପ୍ରଦର୍ଶନ କରିବା ସହ ଶ୍ରେଣୀଗୃହରେ ଶିକ୍ଷାର୍ଥୀମାନଙ୍କ ସହ ପ୍ରାକ୍ ପରୀକ୍ଷଣ ପାଇଁ ଶିକ୍ଷଣକାର୍ଯ୍ୟମାନ ଯୋଗାଇ ଦେଇଥାଏ । ଏହା ବ୍ୟତିତ ଶିକ୍ଷକମାନଙ୍କୁ ସେମାନଙ୍କ ପାଠ ଯୋଜନା ଏବଂ ବିଷୟଗତ ଜ୍ଞାନର ଅଭିବୃଦ୍ଧି ପାଇଁ ଏହା ସଂଯୋଗ ସ୍ଥାପନ କରେ ।

ଟେସ୍-ଇଣ୍ଡିଆର 'ମୁକ୍ତ ଶୈକ୍ଷିକ ସଂବଳ'ଗୁଡ଼ିକ ଭାରତୀୟ ପାଠ୍ୟ ଖସଡ଼ା ଓ ପରିପେକ୍ଷୀ ଅନୁଯାୟୀ ଉଭୟ ଭାରତୀୟ ଓ ଆର୍ନ୍ତଜାତୀୟ ଲେଖକମାନଙ୍କ ସହଭାଗୀତାରେ ପ୍ରସ୍ତୁତ । ଏହା ଉଭୟ ଅନ୍‌ଲାଇନ ଓ ମୁଦ୍ରିତ ଭାବେ ବ୍ୟବହାର ପାଇଁ ଇଣ୍ଟରନେଟ୍ (http://www.tess-india.edu.in/) ରେ ଉପଲବ୍ଧ । 'ମୁକ୍ତ ଶୈକ୍ଷିକ ସଂବଳ'ଗୁଡ଼ିକ ବିଭିନ୍ନ ଭାଷାରେ ଅନୁବାଦ କରାଯାଇ ଉପଲବ୍ଧ କରାଯାଇଛି ଓ ଟେସ୍-ଇଣ୍ଡିଆର କାର୍ଯ୍ୟକ୍ରମ ଚାଲୁଥିବା ଭାରତୀୟ ରାଜ୍ୟଗୁଡ଼ିକ ପାଇଁ ଉପଯୁକ୍ତ ଅଟେ । ଏହାର ବ୍ୟବହାରକାରୀମାନଙ୍କୁ ସ୍ଥାନୀୟ ପ୍ରାସଙ୍ଗିକତା ଓ ଆବଶ୍ୟକତାକୁ ଭରଣା କରିବା ନିମିତ୍ତ ସ୍ଥାନୀୟକରଣ କରି ଗ୍ରହଣ କରିବାକୁ ଆମନ୍ତ୍ରିତ କରାଯାଇଛି । ଟେସ୍-ଇଣ୍ଡିଆ ଭାରତ ଓ ଯୁକ୍ତରାଜ୍ୟ ସରକାରଙ୍କ ମିଳିତ କାର୍ଯ୍ୟକ୍ରମର ଏକ ଅଂଶ ଓ ଯୁକ୍ତରାଜ୍ୟ ର ମୁକ୍ତ ବିଶ୍ୱବିଦ୍ୟାଳୟ ଦ୍ୱାରା ପରିଚାଳିତ ।

**ଭିଡ଼ିଓ ସମ୍ବଳ ସମୂହ**

ଏହି ଏକକରେ କେତେକ କାର୍ଯ୍ୟମାନ ସଙ୍କେତ ସହ ସମ୍ମିଳିତ କରାଯାଇଛି । ଟେସ-ଇଣ୍ଡିଆର 'ଭିଡ଼ିଓ ସମ୍ବଳ ସମୂହ' ଶିକ୍ଷା ତତ୍ତ୍ୱ ଆଧାରିତ । ଏଥିରେ ଥିବା ଭିଡ଼ିଓଗୁଡ଼ିକ ନିର୍ଦ୍ଦିଷ୍ଟ ବିଷୟ ପାଇଁ ଭାରତୀୟ ଶ୍ରେଣୀଗୃହ ପରିପ୍ରେକ୍ଷୀରେ ପଢ଼ାଇବାର କୌଶଳଗୁଡ଼ିକୁ ସଚିତ୍ର ବର୍ଣ୍ଣନା କରିଛି। ଆମେ ଆଶାକରୁ ଯେ ଏଗୁଡ଼ିକ ଆପଣମାନଙ୍କୁ ଅନୁରୂପ କାର୍ଯ୍ୟଧାରାଗୁଡ଼ିକର ପରୀକ୍ଷଣ ନିମିତ୍ତ ଅନୁପ୍ରେରିତ କରିବ । ଏହିସବୁ ଆପଣଙ୍କ ଦ୍ୱାରା କରାଯାଉଥିବା ପାଠ୍ୟପୁସ୍ତକ ଆଧାରିତ କାର୍ଯ୍ୟଗୁଡ଼ିକର ଅଭିଜ୍ଞତା ବୃଦ୍ଧି କରିବା ନିମିତ୍ତ ଅଭିପ୍ରେରିତ। ଟେସ୍-ଇଣ୍ଡିଆ ଭିଡ଼ିଓ ସମ୍ବଳ ସମୂହ ଅନ୍‌ଲାଇନ୍‌ରେ http://www.tess-india.edu.in/) ଉପଲବ୍ଧ ଓ ଡାଉନ୍‌ଲୋଡ୍ କରାଯାଇପାରିବ। ଆପଣମାନେ ଏହି ଭିଡ଼ିଓଗୁଡ଼ିକୁ ସି.ଡ଼ି. ବା ମେମୋରୀ କାର୍ଡ଼ ମାଧ୍ୟମରେ ବ୍ୟବହାର କରି ପାରିବେ ।

ଓଡ଼ିଆ ସଂକଳନ 1.0 ବିଦ୍ୟାଳୟ ନେତୃତ୍ୱ 18
Odisha

ଏହି ସଂକରଣଟି 'ଟେସ୍ ଇଣ୍ଡିଆର ମୁକ୍ତ ଶିକ୍ଷା ସମ୍ବଳ'ର ବିଦ୍ୟାଳୟ ନେତୃତ୍ୱ ସଂକଳନର ଏକ ଭାଗ ଅଟେ। ମୂଳ ଇଂରାଜୀ ଲେଖାକୁ ଡକ୍ଟର ମମତା ସ୍ୱାଇଁ ଓଡ଼ିଆ ଭାଷାରେ ଭାଷାନ୍ତର କରିଛନ୍ତି। ଏହି ସଂକଳନରେ ବ୍ୟବହୃତ ହୋଇଥିବା ତୃତୀୟ ପକ୍ଷ ସାଧନ ବ୍ୟତୀତ ଅନ୍ୟ ସମସ୍ତ ସ ମ୍ବଳ / ଲେଖ http:// creativecommons.org/ licenses/by-sa/3.0/ ରେ ମୁକ୍ତ ବ୍ୟବହାର ପାଇଁ ଉପଲବ୍ଧ ଅଟେ।

TESS-India is led by The Open University UK and funded by UK aid from the UK government

## ଏହି ଏକକରେ କ'ଣ ଅଛି

ବର୍ତ୍ତମାନ ଭାରତ ଶିକ୍ଷାନୀତିରେ ଅନେକ ପରିବର୍ତ୍ତନ ହୋଇଅଛି କିନ୍ତୁ ଗୁରୁତ୍ୱପୂର୍ଣ୍ଣ ହେଉଛି ଯେ ବିଦ୍ୟାଳୟମାନଙ୍କଠାରୁ ଅଧିକ ଆଶା କରାଯାଉଛି। ଉଚ୍ଚ ଆକାଂକ୍ଷାଟି ହେଉଛି ସ୍କୁଲ ଅଧିକ ସ୍ୱୟଂଶାସିତ ଓ ତା'ର ସ୍ଥାନୀୟ ଗୋଷ୍ଠୀ ପ୍ରତି ଶୀଘ୍ର ପ୍ରତିକ୍ରିୟା କରିବ ତଥା ବିଦ୍ୟାଳୟର ମୁଖ୍ୟ ସେମାନଙ୍କ ବିଦ୍ୟାଳୟରେ ଶିକ୍ଷଣ ଓ ଶିକ୍ଷାଦାନର ଗୁଣବତ୍ତା ପାଇଁ ପୂର୍ବାପେକ୍ଷା ଅଧିକ ଦାୟିତ୍ୱବାନ୍ ହେବେ।

ଟେସ୍-ଇଣ୍ଡିଆ ମୁକ୍ତ ଶୈକ୍ଷିକ ସମ୍ବଳ ସମୂହର ଲକ୍ଷ୍ୟ ହେଉଛି ବିଦ୍ୟାଳୟର ମୁଖ୍ୟମାନେ, ଯେଉଁମାନେ ନିଜକୁ ଏକ ସକ୍ରିୟ ଶିକ୍ଷାର୍ଥୀ ଓ ପାରସ୍ପରିକ ଆଲୋକଧର୍ମୀ ଶିକ୍ଷକ ଭାବରେ ଗଢ଼ିବାକୁ ନିଜ ବିଦ୍ୟାଳୟକୁ ସମର୍ଥ କରାଇବାକୁ ଚାହାନ୍ତି ସେହିମାନଙ୍କୁ ସହାୟତା ପ୍ରଦାନ କରିବା। ଯଦିଓ ବିଦ୍ୟାଳୟର ମୁଖ୍ୟମାନଙ୍କ ପାଖରେ ନିଜ ବିଦ୍ୟାଳୟ ଉପରେ କର୍ତ୍ତୃତ୍ୱ ରହିଛି, କିନ୍ତୁ ଯେଉଁଠାରେ ଏ ପ୍ରକାର ଚଳଣି ନାହିଁ ସେଠାରେ ଏହା ଅଭ୍ୟାସ କରାଇବା ଏକ ଆହ୍ୱାନମୂଳକ କାର୍ଯ୍ୟ ଅଟେ। ଏହି ଏକକଟି ବିଦ୍ୟାଳୟର ମୁଖ୍ୟଙ୍କୁ ଏକ ସମର୍ଥ କରାଇପାରୁଥିବା ସ୍ଥିତିରେ ଦେଖେ - ଯିଏକି ନିଜ ବିଦ୍ୟାଳୟର ବିଭିନ୍ନ କାର୍ଯ୍ୟାବଳୀ/ଘଟଣା ପ୍ରବାହ ସମ୍ପନ୍ନ ହେବାରେ ଭୂମିକା ଗ୍ରହଣ କରନ୍ତି। ଟେସ୍-ଇଣ୍ଡିଆ ମୁକ୍ତ ଶୈକ୍ଷିକ ସମ୍ବଳ ସମୂହ ଆପଣଙ୍କୁ ଏହି ଭୂମିକା ତୁଲାଇବାରେ ଏକ "ସାଧନମୁଣି" ପ୍ରଦାନ କରିବ।

ଟେସ୍-ଇଣ୍ଡିଆ ବିଦ୍ୟାଳୟ ନେତୃତ୍ୱ ମୁକ୍ତ ସମ୍ବଳ ସମୂହକୁ ଆପଣ ନିଜର ବିକାଶ ପାଇଁ କିପରି ଉପଯୋଗ କରିବେ, ତାହା ଅବଗତ କରାଇବା ହେଉଛି ପ୍ରଥମ ପ୍ରଶିକ୍ଷଣ ଏକକଟିର ଲକ୍ଷ୍ୟ ଅଟେ। ଏହି ସାଧନ ସମୂହର ମୂଳ ହେଉଛି- ଯେ ଶିକ୍ଷଣ ଜୀବନ ବ୍ୟାପୀ ଓ ନିରନ୍ତର ଅଟେ ଓ ଶିକ୍ଷକ ଶିକ୍ଷୟତ୍ରୀମାନେ ସଫଳ ଭାବରେ ଶିଖିବା ପାଇଁ ବିଦ୍ୟାଳୟର ମୁଖ୍ୟମାନେ ମଧ୍ୟ ଶିକ୍ଷାର୍ଥୀ ହେବା ଆବଶ୍ୟକ।

### ଶିକ୍ଷଣ ଡ଼ାଏରୀ

ଏହି ଏକକରେ କାର୍ଯ୍ୟ କଲାବେଳେ ଆପଣଙ୍କୁ ଶିକ୍ଷଣ ଦୈନନ୍ଦିନୀରେ ଟିପି ରଖିବା ପାଇଁ କୁହାଯିବ, ଏହା ଏକ ନୋଟ୍ ବାହି କିମ୍ବା ଫେଲଡ଼ର ଯେଉଁଥିରେ ଆପଣ ନିଜର ଭାବନା ଓ କାର୍ଯ୍ୟ ଯୋଜନା ଗୋଟିଏ ସ୍ଥାନରେ ଏକାଠି ସଂଗ୍ରହ କରିପାରିବେ। ବୋଧହୁଏ ଆପଣ ଏପରି ଗୋଟିଏ କାମ ଆରମ୍ଭ କରିଥିବେ।

ଆପଣ ଏକାକୀ ଏହି ଏକକରେ କାର୍ଯ୍ୟ କରିପାରିବେ, କିନ୍ତୁ ଆପଣ ଯଦି ଅନ୍ୟ ବିଦ୍ୟାଳୟର ନେତାମାନଙ୍କ ସହ ଆପଣଙ୍କ ଶିକ୍ଷଣକୁ ଆଲୋଚନା କରିପାରିବେ, ତେବେ ଆପଣ ଅଧିକରୁ ଅଧିକ ଶିଖିପାରିବେ। ସେ ଆପଣଙ୍କ ସହକର୍ମୀ ହୋଇପାରନ୍ତି ଯାହାଙ୍କ ସହିତ ମିଶି ଆପଣ କାର୍ଯ୍ୟ କରିବେ ବା ଅନ୍ୟ କେହି ଯାହାଙ୍କ ସହ ଆପଣ ନୂଆ କରି ସମ୍ପର୍କ ସ୍ଥାପନ କରିବେ। ଏହାକୁ ଏକ ସଂଗଠିତ ଆଧାରରେ କରାଯାଇପାରିବ ଅଥବା ଅପେକ୍ଷାକୃତ ଅଧିକ ଅନୌପଚାରିକ ଢ଼ଙ୍ଗରେ ମଧ୍ୟ କରାଯାଇପାରିବ। ଶିକ୍ଷଣ ଦୈନନ୍ଦିନୀରେ ଆପଣ କରିଥିବା ଟିପ୍ପଣୀଗୁଡ଼ିକ ଆପଣଙ୍କୁ ଆପଣଙ୍କ ଦୀର୍ଘକାଳୀନ ଶିକ୍ଷଣ ଓ ବିକାଶ ପାଇଁ ବୈଠକରେ ଯୋଜନା କରିବାବେଳେ ସାହାଯ୍ୟ କରିବ।

## ଏହି ଏକକରୁ କ'ଣ ଶିଖିବା

- ଆପଣଙ୍କ ପାଖରେ ରହିଥିବା ବିଦ୍ୟାଳୟ ନେତୃତ୍ୱର କୌଶଳଗୁଡ଼ିକର ସମୀକ୍ଷା ତଥା ପରବର୍ତ୍ତୀ ବିକାଶର କ୍ଷେତ୍ର ଅଟେ।
- ବିଦ୍ୟାଳୟ ନେତୃତ୍ୱ କୌଶଳଗୁଡ଼ିକର ଅଭିବୃଦ୍ଧି ପାଇଁ ଶିକ୍ଷଣ ପଥ ତିଆରି କରିବାରେ ଟେସ୍- ଭାରତ ମୁକ୍ତ ଶୈକ୍ଷିକ ସମ୍ବଳ ସମୂହର ବ୍ୟବହାର।
- ଆପଣଙ୍କ ବିଦ୍ୟାଳୟରେ ଶିକ୍ଷଣ ସମର୍ଥକାରୀ କହିଲେ କ'ଣ ବୁଝନ୍ତି ?

## ୧ ଭାରତରେ ଜଣେ ବିଦ୍ୟାଳୟ ମୁଖ୍ୟ ହେବା

ଶିକ୍ଷା ଅଧିକାର ଆଇନ୍ ୨୦୦୯ ଭାରତର ବିଦ୍ୟାଳୟମାନଙ୍କୁ ଅଧିକ ସ୍ୱୟଂ ଶାସନ କ୍ଷମତା ପ୍ରଦାନ କରିଛି ଯାହା ଅତୀତରେ ହାସଲ କରିନଥିଲେ। ଏହା ବହୁ ଅନ୍ୟାନ୍ୟ ଦେଶରେ ଘଟିବା ଦେଖାଯାଇଛି ଯେ ବିଦ୍ୟାଳୟର ମୁଖ୍ୟମାନେ ନିଜର ବ୍ୟୟ ଅଟକଳ ପାଇଁ ପ୍ରାୟତଃ ଦାୟିତ୍ୱ ରହିଥାଏ, ଏହାଛଡ଼ା ନିଜ ବିଦ୍ୟାଳୟର ଶିକ୍ଷକ ନିଯୁକ୍ତି ତଥା ପାଠ୍ୟକ୍ରମ ନିର୍ଦ୍ଧାରଣ କରିଥା'ନ୍ତି।

ଏହି ପରିବର୍ତ୍ତନଗୁଡ଼ିକ ଅଧିକ ଦାୟିତ୍ୱପୂର୍ଣ୍ଣ ହେଲେ ମଧ୍ୟ ଅଧିକ ସ୍ୱାଧୀନତା ପ୍ରଦାନ କରିଥା'ନ୍ତି ଏବଂ ଏହା ଆଶା କରାଯାଏ ଯେ ବିଦ୍ୟାଳୟର ମୁଖ୍ୟମାନେ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ନିର୍ଦ୍ଦେଶକୁ ଅପେକ୍ଷା ନ କରି ନିଜ ବିଦ୍ୟାଳୟର ଉନ୍ନତି ପାଇଁ କାର୍ଯ୍ୟ କରିପାରିବେ। ଭାରତରେ ବିଦ୍ୟାଳୟ ନେତୃତ୍ୱ ପାଇଁ ଜାତୀୟ ମହାବିଦ୍ୟାଳୟ ଯାହାକି ଶିକ୍ଷା ଯୋଜନା ଓ ପ୍ରଶାସନ ଜାତୀୟ ବିଶ୍ୱବିଦ୍ୟାଳୟଠାରେ ଅବସ୍ଥିତ ଉପରୋକ୍ତ ପରିବର୍ତ୍ତନଗୁଡ଼ିକୁ ସହାୟତା ପ୍ରଦାନ କରେ।

ଟେସ୍-ଇଣ୍ଡିଆ ବିଦ୍ୟାଳୟର ନେତାମାନଙ୍କ ପାଇଁ ୨୦ଟି ଅଧ୍ୟୟନ ଏକକ ମୁକ୍ତ ଶୈକ୍ଷିକ ସମ୍ବଳ ସମୂହର ଏକ ବ୍ୟାଙ୍କ ପ୍ରଦାନ କରିଛି। ଏହା ବିଦ୍ୟାଳୟ ନେତୃତ୍ୱର ବିଭିନ୍ନ ଦିଗଗୁଡ଼ିକ ଉପରେ ଶିକ୍ଷଣ ପ୍ରଦାନ ପାଇଁ ପ୍ରସ୍ତୁତ କରାଯାଇଛି। ସେଥିମଧ୍ୟରୁ କେତେକ କେବଳ ଶିକ୍ଷଣ-ଶିକ୍ଷାଦାନ ଓ ଶ୍ରେଣୀଗୃହରେ ଶିକ୍ଷକଙ୍କ କାର୍ଯ୍ୟକଳାପ ଉପରେ ଗୁରୁତ୍ୱ ପ୍ରଦାନ କରେ ତଥା ଅନ୍ୟଗୁଡ଼ିକ ବିଦ୍ୟାଳୟ ବ୍ୟବସ୍ଥାର କାର୍ଯ୍ୟାବଳୀ ଯଥା ଏକ ବିଦ୍ୟାଳୟ ପରିକଳ୍ପନା ନିର୍ମାଣ, ବିଦ୍ୟାଳୟ ବିକାଶ ଯୋଜନା ପ୍ରସ୍ତୁତି, ଅବସ୍ଥାପିତ ଗୋଷ୍ଠୀ ସହ କାର୍ଯ୍ୟ କରିବା ଇତ୍ୟାଦି ଉପରେ ଆଧାରିତ। ଆପଣଙ୍କ ନିଜସ୍ୱ ଶିକ୍ଷଣ ଆବଶ୍ୟକତାକୁ ପୂରଣ କରୁଥିବା ମୁକ୍ତ ଶୈକ୍ଷିକ ସମ୍ବଳକୁ ବାଛି ପାରିବେ। ଏଥିରେ ଥିବା ଏକକ ଗୁଡ଼ିକ ବିଦ୍ୟାଳୟ ନେତୃତ୍ୱ ପାଇଁ ରାଷ୍ଟ୍ରୀୟ ବିଦ୍ୟାଳୟ ଯେଉଁ କେନ୍ଦ୍ର ବିଦ୍ୟାଳୟ ନେତୃତ୍ୱ ପାଇଁ ଚିହ୍ନଟ କରିଥିବା ଅଗ୍ରାଧିକାରମାନ ଆଧାରରେ ସନ୍ନିବେଶିତ ହୋଇଛି। ଯଦିସ ଏହା ନିର୍ଦ୍ଧାରିତ ପାଠ୍ୟ ଖସଡ଼ା ନୁହେଁ। ଏହି ଏକକଗୁଡ଼ିକ ମଧ୍ୟ ନେଇ ଆପଣ ନିଜର ଶିକ୍ଷଣ ପଥ ସୃଷ୍ଟି କରିବା ପାଇଁ ଉତ୍ସାହିତ ହେବେ।

ପ୍ରତ୍ୟେକ ଏକକରେ ଶିକ୍ଷଣ କାର୍ଯ୍ୟ ଓ ପରିସ୍ଥିତି ଅଧ୍ୟୟନ ରହିଅଛି। ଏହି କାର୍ଯ୍ୟକଳାପ ବିଦ୍ୟାଳୟରେ କାର୍ଯ୍ୟକାରୀ କରିବା ପାଇଁ ସେଥିରୁ କେତେକ ଆପଣ ନିଜେ ଓ ଆଉ କେତେକ ଆପଣଙ୍କ ସହକର୍ମୀମାନଙ୍କ ସହିତ କରିପାରିବେ। ଅତିରିକ୍ତ କାର୍ଯ୍ୟକଳାପ ପ୍ରସ୍ତୁତ କରିବା ଅପେକ୍ଷା ଆପଣ କରୁଥିବା ବା କରିବା ପାଇଁ ଚିନ୍ତା କରିଥିବା କାର୍ଯ୍ୟକଳାପଗୁଡ଼ିକ ସମ୍ପର୍କରେ ଅଧିକ ବୁଝାମଣାକୁ ପ୍ରତିଫଳନ କରିବାରେ ଏହା ସାହାଯ୍ୟ କରିବ। ପ୍ରତ୍ୟେକ ଏକକ ମଧ୍ୟରେ କ୍ରମାନ୍ୱୟତା / ସମନ୍ୱୟ ରହିଛି। କିନ୍ତୁ ଆପଣ ସମସ୍ତ ଏକକଗୁଡ଼ିକ ବଦଳରେ ନିର୍ଦ୍ଦିଷ୍ଟ ରୂପେ ଆବଶ୍ୟକ କାର୍ଯ୍ୟକୁ ମଧ୍ୟ ବାଛି ପାରିବେ। ଆପଣ ନିଜ ଭୂମିକା ନିର୍ବାହ କଲାବେଳେ ଯେଉଁ ଜ୍ଞାନ ଓ ଅଭିଜ୍ଞତା ବ୍ୟବହାର କରନ୍ତି, ମୁକ୍ତ ଶୈକ୍ଷିକ ସମ୍ବଳ ସମୂହ ସେଗୁଡ଼ିକୁ ସମ୍ମାନ କରେ ତଥା ସମ୍ମିଳିତ ଭାବରେ କାର୍ଯ୍ୟ କରିବାକୁ ପ୍ରୋତ୍ସାହିତ କରେ।

ଏହି ପ୍ରାରମ୍ଭିକ ଏକକରେ ଆପଣ ବୃତ୍ତିଗତ ବିକାଶ ବାବଦରେ ଚିନ୍ତା କରିବା ଆରମ୍ଭ କରିପାରିବେ। ଆପଣଙ୍କ ପାଖରେ ରହିଥିବା ଜ୍ଞାନ ଓ କୌଶଳଗୁଡ଼ିକୁ ବିଚାର କରନ୍ତୁ ଜଣେ ବିଦ୍ୟାଳୟ ମୁଖ୍ୟ ଭାବରେ ଆପଣଙ୍କ କାର୍ଯ୍ୟଧାରାରେ କିପରି ଉନ୍ନତି ଆଣିବେ ସେ ବିଷୟରେ ଚିନ୍ତା କରିପାରିବେ।

ଟେସ୍- ଭାରତ ଅନ୍ୟ ଶିକ୍ଷକମାନଙ୍କ ପାଇଁ ମଧ୍ୟ ମୁକ୍ତ ଶୈକ୍ଷିକ ସମ୍ବଳ ସମୂହ ପ୍ରଦାନ କରେ। ଏହି ସମ୍ବଳଗୁଡ଼ିକ ଶିକ୍ଷଣର ସାମାଜିକ ଦୃଷ୍ଟିଭଙ୍ଗୀକୁ ଗ୍ରହଣ କରେ, ଯେଉଁଠାରେ ଶିକ୍ଷଣ ଅନ୍ୟ ସହକର୍ମୀ ଓ ଶିକ୍ଷାର୍ଥୀମାନଙ୍କ ମଧ୍ୟରେ ସହଭାଗିତାର ଅଭ୍ୟାସଗୁଡ଼ିକ ସହିତ ହୋଇଥାଏ। ସର୍ବୋତ୍ତମ କାର୍ଯ୍ୟ ବା ଶିକ୍ଷାଦାନ ଶିକ୍ଷଣ ସାମଗ୍ରୀ ପାଇଁ ସେଗୁଡ଼ିକ ବିଶେଷ ଉପଦେଶ ଦେଉନାହିଁ ବରଂ ଏହା ଆପଣଙ୍କୁ ଏବଂ ଆପଣଙ୍କର ସହଯୋଗୀଙ୍କୁ ନିଜର କାମ ଓ ଭୂମିକାରୁ ଓହରି ଯାଉଛନ୍ତି କି ସେ ସମ୍ପର୍କରେ ଚିନ୍ତା କରିବା ପାଇଁ ପ୍ରେରଣା ଯୋଗାଇଥାଏ। ଏହାର ମୂଳ ଲକ୍ଷ୍ୟ ହେଉଛି ଆପଣ ନିଜ ପରିବେଶରେ ହେଉ ବା ବିଦ୍ୟାଳୟରେ ହେଉ ବା ଶ୍ରେଣୀ କୋଠରୀରେ ହେଉ ଦେଖାଯାଉଥିବା ସମସ୍ୟାଗୁଡ଼ିକର ସମ୍ଭାବ୍ୟ ସମାଧାନ ପାଇଁ ଖୋଲାଭାବରେ ଅନୁସନ୍ଧାନ କରିବା। (ଲେଭ୍, ୱେଗନର, ୧୯୯୧, ବ୍ରୁନର ୧୯୯୬ ୱେନଗର ୧୯୯୮)



### ଟିକିଏ ଚିନ୍ତା କରନ୍ତୁ

ବିଦ୍ୟାଳୟର ନେତା ଭାବରେ ବା ବରିଷ୍ଠ ଶିକ୍ଷକ ରୂପେ ନିଜର ଭୂମିକା ଗ୍ରହଣର ପ୍ରାକ୍ ସ୍ଥିତିକୁ ଫେରନ୍ତୁ ଓ ଚିନ୍ତା କରନ୍ତୁ :

- ବିଦ୍ୟାଳୟର ମୁଖ୍ୟ ହେବା ପରଠାରୁ ଆପଣ କ'ଣ ସବୁ ଶିଖିଛନ୍ତି ?
- ସେସବୁକୁ ଆପଣ କିପରି ଶିଖିଛନ୍ତି ?
- ଆପଣଙ୍କର ବୃତ୍ତିଗତ ବିକାଶ ପାଇଁ କ'ଣ କ'ଣ ସୁଯୋଗ ଅଛି ?

## ୨ ବିଦ୍ୟାଳୟର ମୁଖ୍ୟଭାବେ ଆପଣ ନିଜର ଶିକ୍ଷଣ ସମ୍ବନ୍ଧରେ ଭାବନ୍ତୁ

ଅଧିକରୁ ଅଧିକ ନୂଆ ସୁଯୋଗ ସୃଷ୍ଟି ପାଇଁ ବିଦ୍ୟାଳୟର ମୁଖ୍ୟମାନେ କୌଶଳଗୁଡ଼ିକର ବିକାଶ କରିବାର ଆବଶ୍ୟକତା ରହିଛି। ଆପଣ ଜଣେ ଭଲ ଶିକ୍ଷକ ଓ ଯୋଗ୍ୟତା ସମ୍ପନ୍ନ ବୋଲି ବିଦ୍ୟାଳୟର ମୁଖ୍ୟ ହୋଇପାରନ୍ତି; କିନ୍ତୁ ମୁଖ୍ୟ ଓ ଶିକ୍ଷକ ଭୂମିକା ଅଲଗା କଥା। ବିଦ୍ୟାଳୟର ଦୈନନ୍ଦିନ କାର୍ଯ୍ୟକଳାପକୁ ପରିଚାଳନା ଏବଂ ବିଦ୍ୟାଳୟ ଗୋଷ୍ଠୀଭୁକ୍ତ ଶିକ୍ଷାର୍ଥୀମାନଙ୍କୁ ସମ୍ଭବପର ସର୍ବୋତ୍କୃଷ୍ଟ ଶିକ୍ଷା ପ୍ରଦାନ କରୁଛି, ଏହା ନିଶ୍ଚିତ କରାଇବା ହେଉଛି ଆପଣଙ୍କର ଭୂମିକା। ଏହି ଏକକରେ ଆପଣ କେତେକ କୌଶଳ ଓ ଦକ୍ଷତାଗୁଡ଼ିକ ସହିତ ପରିଚିତ ହେବେ, ଯେଉଁଗୁଡ଼ିକ ଜଣେ ସଫଳ ବିଦ୍ୟାଳୟ ନେତୃତ୍ୱ ପାଖରେ ବିକଶିତ ହେବା ବାଞ୍ଛନୀୟ ଯଦ୍ୱାରା ଜଣେ ନିଜ ବିଦ୍ୟାଳୟର ଶିକ୍ଷକମାନଙ୍କୁ ଅଧିକରୁ ଅଧିକ ସଫଳ ହେବାରେ ସହାୟକ ହୋଇପାରିବେ।

### ଟିକିଏ ଚିନ୍ତା କରନ୍ତୁ

ଚିନ୍ତା କରନ୍ତୁ, ଆପଣ ବିଦ୍ୟାଳୟ ନେତା ଭାବରେ ନିଜର ଭୂମିକା ଆରମ୍ଭ କଲେ, ତା'ପରେ ଆଗାମୀ ୧୦ ବର୍ଷ ପାଇଁ ଚିନ୍ତା କରନ୍ତୁ। ଆପଣ ନିଜର ବୃତ୍ତିଗତ ଜୀବନ ଆରମ୍ଭ କରିଥିବା ସମୟ ଓ ଆଗାମୀ ୧୦ ବର୍ଷ ମଧ୍ୟରେ ବିଦ୍ୟାଳୟରେ କେଉଁ ମୁଖ୍ୟ ପରିବର୍ତ୍ତନଗୁଡ଼ିକ ଦେଖିବେ ବୋଲି ଭାବୁଛନ୍ତି।

### ଶିକ୍ଷଣକାର୍ଯ୍ୟ ୧ : ଜଣେ ମୁଖ୍ୟ ରୂପେ ଆପଣଙ୍କ ବୃତ୍ତିଗତ ବିକାଶ



ଚିତ୍ର ୧ : ମୁଖ୍ୟରୂପେ ବୃତ୍ତିଗତ ବିକାଶକୁ ବିଚାର କରନ୍ତୁ

୧. ଆପଣଙ୍କ ଶିକ୍ଷଣ ଦୈନନ୍ଦିନୀକୁ ବ୍ୟବହାର କରି ଏପରି ୫ଟି ଶବ୍ଦ ଲେଖନ୍ତୁ ଯେଉଁଗୁଡ଼ିକ ନେତା ରୂପେ ଆପଣଙ୍କ ଚରିତ୍ରକୁ ସୂଚୀତ କରୁଛି।

୨. ଆପଣଙ୍କ ଶିକ୍ଷକମାନେ ଆପଣଙ୍କୁ ନେତା ରୂପେ ଗ୍ରହଣ କରନ୍ତି ବୋଲି ଆପଣ କିପରି ଚିନ୍ତା କରିଥା'ନ୍ତି। ସେମାନେ କ'ଣ ଆପଣଙ୍କୁ ପସନ୍ଦ କରନ୍ତି ? ସେମାନେ କ'ଣ ଆପଣଙ୍କ ପଦବୀକୁ ନ ଦେଖି ଆପଣଙ୍କଠାରେ ଥିବା ଜ୍ଞାନ ଓ ଅଭିଜ୍ଞତାକୁ ସମ୍ମାନ କରନ୍ତି ?

୩. ଏହା ଆପଣ କିପରି ପ୍ରଦର୍ଶନ କରିବେ ଯେ ଆପଣ ବୃତ୍ତିଗତ ବିକାଶ କରୁଛନ୍ତି ? ଉଦାହରଣସ୍ୱରୂପ ଆପଣଙ୍କୁ ନୂଆ ଧାରଣାମାନ ଚିନ୍ତା କରିବା ତଥା ଏହାର ପ୍ରଭାବଗୁଡ଼ିକ ପ୍ରତିଫଳନ କରାଇବା ଆଗ୍ରହୀ ବ୍ୟକ୍ତି ରୂପେ ସେମାନେ କ'ଣ ଆପଣଙ୍କୁ ଦେଖନ୍ତି କି ? ପ୍ରଶ୍ନ ୧ ଓ ୨ର ଉତ୍ତର ପ୍ରତିଫଳନ କରି କହନ୍ତୁ ଯେ ଜଣେ ମୁଖ୍ୟ ଭାବରେ ଆପଣଙ୍କ ବୃତ୍ତିଗତ ବିକାଶ ଦିଗରେ କେଉଁ ସବୁ ପ୍ରତିବନ୍ଧକ ଦେଖୁଛନ୍ତି ?

**ଆଲୋଚନା**

ଆପଣଙ୍କ ପ୍ରତି ସହ ଆପଣଙ୍କ ନିଜ ସନ୍ଦର୍ଭ ଆଧାରିତ ଓ ଏହା ଆପଣଙ୍କ ବ୍ୟକ୍ତିଗତ। ଅବଶ୍ୟ ତିନି ପ୍ରକାର ନେତା କଥା ବିଚାରକୁ ନେଲେ, ଏହା ଆପଣଙ୍କୁ ଆପଣ ସମ୍ମୁଖୀନ ହେଉଥିବା ଆହ୍ୱାନଗୁଡ଼ିକ ଉପରେ ପ୍ରତିଫଳନ ପାଇଁ ସହାୟକ ହୋଇପାରିବ।

- ପ୍ରଥମ ପ୍ରକାର ନେତା ହେଉଛନ୍ତି ସିଏ, ଯାହାଙ୍କର ବିଦ୍ୟାଳୟକୁ ନେତୃତ୍ୱ ଦେବାରେ ବହୁ ବର୍ଷର ଅଭିଜ୍ଞତା ରହିଛି ତଥା ସେ ଏହା ଦୃଢ଼ତାର ସହ କରିପାରିବେ ବୋଲି ଅନୁଭବ କରିପାରନ୍ତି କିନ୍ତୁ ଅନ୍ୟ ସହକର୍ମୀମାନେ ଏବେ ବି ଶିଖୁଛନ୍ତି ଓ ପରିବର୍ତ୍ତନ କରୁଛନ୍ତି ବୋଲି ପ୍ରଦର୍ଶିତ କରିବାରେ ଅସୁବିଧାର ସମ୍ମୁଖୀନ ହୁଅନ୍ତି। ଏପରି ହେବାର କାରଣ ଓ ସେମାନେ ନିଜକୁ ଦୃଢ଼ ଓ ଭାରପ୍ରାପ୍ତ ବୋଲି ପ୍ରଦର୍ଶିତ କରାଇବାକୁ ଚାହାନ୍ତି ଏବଂ ସେଥିପାଇଁ ବୃତ୍ତିଗତ ବିକାଶକୁ ବ୍ୟକ୍ତିଗତ ଓ ଲୁକ୍‌କାୟିତ ଭାବରେ ରଖନ୍ତି।
- ଦ୍ୱିତୀୟ ପ୍ରକାର ନେତା ସେମାନେ ହୋଇପାରନ୍ତି ଯେଉଁମାନେ କି କନିଷ୍ଠତର ଏବଂ ଯଦି ବ୍ୟକ୍ତିଗତ ବିକାଶର କ୍ଷେତ୍ର ସବୁକୁ ଦେଖିଲେ ନିଜର କର୍ତ୍ତୃତ୍ୱ ହରାଇବା ପ୍ରତି ସଚେତନ ରହିଥା'ନ୍ତି। ସେମାନେ ସଚେତନ ଥାଇପାରନ୍ତି ଯେ ବରିଷ୍ଠ ଶିକ୍ଷକମାନଙ୍କ ଠାରୁ ଶ୍ରେଣୀଗୃହରେ କମ୍ ପାରଦର୍ଶିତା / ପ୍ରବୀଣତା ରହିବ କିନ୍ତୁ ସେମାନେ ନେତୃତ୍ୱର ଏକ ଆଦର୍ଶ ପାଇଁ ଅନେକ କିଛି ଦେଇପାରିବେ ଯାହାକି ଉତ୍ସାହକୁ ଆଗାମୀ ପରିକଳ୍ପନା ସହିତ ଯୋଡ଼ିପାରିବେ। ନୂତନ ଧାରଣାକୁ ବୁଝନ୍ତି, କିନ୍ତୁ ଠିକ୍ ସେହି ସମୟରେ ଅନ୍ୟ ଶିକ୍ଷକମାନଙ୍କର ପ୍ରବୀଣତାକୁ ସମ୍ମାନ ଦିଅନ୍ତି।
- ଶେଷରେ ଏପରି ଗୋଟିଏ ମୁଖ୍ୟମାନଙ୍କ ଦଳ ଥାଇପାରନ୍ତି, ଯେଉଁମାନଙ୍କର କି, ତାଙ୍କର ଅଭ୍ୟାସଗୁଡ଼ିକ ବିକଶିତ କରିବାର ସହିତ ଏଗୁଡ଼ିକ ପାରଦର୍ଶୀ ଭାବରେ କରିବା ପାଇଁ ଆଗ୍ରହ ସତ୍ତ୍ୱେ ସେଗୁଡ଼ିକ କରିବା ପାଇଁ କେବେ ବି ସମୟ ନ ଥାଏ। ଏହି ମୁଖ୍ୟମାନେ ଅବଚେତନ ଭାବରେ ବୃତ୍ତିଗତ ବିକାଶର ଏପରି ଏକ ଆଦର୍ଶ ପ୍ରଦର୍ଶନ କରନ୍ତି ଯାହା ବିଦ୍ୟାଳୟରେ ପରିବର୍ତ୍ତନ ଆଣିବା ପାଇଁ ଉଦ୍ୟମଗୁଡ଼ିକ ପ୍ରତିହତ କରେ।

ଏକ ଭଲ ନେତାର ଲକ୍ଷଣଗୁଡ଼ିକ ଠିକ୍ ରୂପେ ଲିପିବଦ୍ଧ କରାଯାଇଛି। ସାରଣୀ-୧ରେ ଏହା କିପରି ଭାରତୀୟ ସନ୍ଦର୍ଭରେ ଉପଯୋଗୀ କେତେକ ମତାମତ ଦିଆଯାଇଛି। ଆପଣ ଏହି ବିଶ୍ଳେଷଣକୁ ଶିକ୍ଷଣକାର୍ଯ୍ୟ-୩ରେ ପୁଣି ଫେରିବେ।

*ସାରଣୀ-୧ ଏକ ଉତ୍ତମ ନେତାର ଲକ୍ଷଣ (ଗାର୍ଡ଼ନର-୧୯୯ରୁ ଗୃହୀତ)*

| ଜଣେ ଉତ୍ତମ ନେତାର ଲକ୍ଷଣ | ଆପଣଙ୍କ ନିଜ ସନ୍ଦର୍ଭରେ ଏଗୁଡ଼ିକ କ'ଣ ହୋଇପାରେ |
|---|---|
| କର୍ତ୍ତୃପକ୍ଷଙ୍କ ସହିତ ମୁହାମୁହିଁ ହେବା | ଆପଣ ଆପଣଙ୍କ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ବା ଅନ୍ୟ ସଂପର୍କିତ ସଂଗଠନ ଯେପରି ଆଞ୍ଚଳିକ ସାଧନ କେନ୍ଦ୍ର, ଗୋଷ୍ଠୀ ସାଧନ କେନ୍ଦ୍ର, ପଞ୍ଚାୟତ ବିଦ୍ୟାଳୟ ପରିଚାଳନା ସମିତିଙ୍କ ସହିତ କାମ କରିବାକୁ ପଡ଼ିପାରେ। ଏଗୁଡ଼ିକ ମୂଲ୍ୟବାନ୍ ସମ୍ବଳମାନ ପ୍ରଦାନ କରନ୍ତି ଓ ଆମ ଦେଶର ଅନେକ ଭାଗରେ ଶିକ୍ଷକ ନିଯୁକ୍ତି ଓ ଅବସ୍ଥାପିତ କରିବାର ଦାୟିତ୍ୱ ନିଅନ୍ତି। ଏହା ଆପଣଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ଯେ, ଆପଣ ଏମାନଙ୍କ ସହିତ ସମ୍ପର୍କକୁ ସତର୍କତା ଓ ସମ୍ବେଦନଶୀଳ ଭାବରେ ପରିଚାଳିତ କରିବାକୁ ହେବ। ଏମାନଙ୍କ ସହିତ ମୁହାଁମୁହିଁ ହେବା ଏକ ଉତ୍ତମ - ଅଭିବ୍ୟକ୍ତି ହୋଇନପାରେ, କିନ୍ତୁ ଏପରି ପଦକ୍ଷେପମାନ ନେବାରେ ଭୟଭୀତ ହୁଅନ୍ତୁ ନାହିଁ, ଯେଉଁଥିରେ କି ଆପଣଙ୍କ ବିଦ୍ୟାଳୟ ପାଇଁ ସହାୟକ ହେବ। |
| ସମ୍ଭାବ୍ୟ ବିପଦ (ଜଟିଳତା) ଗ୍ରହଣ ପାଇଁ ପ୍ରସ୍ତୁତି- | ସାଂସ୍କୃତିକ ଦୃଷ୍ଟିରୁ ଏହା କଷ୍ଟକର କାରଣ ଭାରତରେ ଥିବା ବରିଷ୍ଠତା ଅନୁକ୍ରମ ସୂଚାଏ ଯେ ଲୋକମାନେ ଅନୁଭବ କରନ୍ତି ଯେ କୌଣସି ନୂଆ ପଦକ୍ଷେପ ଗ୍ରହଣ ପାଇଁ ବରିଷ୍ଠଙ୍କ ଅନୁମତି ନେବା ଆବଶ୍ୟକ। ସେ ଯାହାବି ହେଉ, ଯେତେଦୂର ପର୍ଯ୍ୟନ୍ତ ଆପଣ ଆପଣଙ୍କ ଜିଲ୍ଲାର ପ୍ରାଥମିକତା ଏବଂ ବିଦ୍ୟାଳୟ ବିକାଶ ଯୋଜନା ସହ ସଚେତନ ଥିବେ, ଏବଂ ଆପଣଙ୍କ ଉପଯୁକ୍ତ ବିଚାରଯୁକ୍ତ କାରଣମାନ ଥିବ, ଏକ |

| | |
|---|---|
| | ନିର୍ଦ୍ଦିଷ୍ଟ ପରିବର୍ତ୍ତନ ଆଣିବା ସପକ୍ଷରେ ଆପଣ ଆପଣଙ୍କ ବିଦ୍ୟାଳୟର ଆପେକ୍ଷିକ ଅଗ୍ରଗତି ପାଇଁ ସମ୍ଭାବ୍ୟ ବିପଦ (ଜଟିଳତା) ଗ୍ରହଣ କରିବା ଉଚିତ୍। |
| ଅସଫଳତା ସମ୍ମୁଖୀନ ପରେ ବି ପୁନଃ ପ୍ରବଣତା / ପୁନଃ ଆତ୍ମପ୍ରକାଶ | ଅନେକ ସଂସ୍କୃତିରେ ସ୍ୱୀକାର କରିବା ଯେ ଆପଣ ଏକ ଭୁଲ୍ କରିଦେଲେ ବା କୌଣସି କାର୍ଯ୍ୟ ଠିକ୍ ଭାବରେ କରି ନ ପାରିଲେ, ବହୁତ କଷ୍ଟକର। ପରିବର୍ତ୍ତନକୁ ପରିଚାଳନା କରିବା ଏକ ଆବଶ୍ୟକତା ଓ ଏହା ସର୍ବଦା ସହଜରେ ହେବ ନାହିଁ। ସବୁବେଳେ ଯଦି କିଛି ଆପଣଙ୍କ ଯୋଜନା ମୁତାବକ କାର୍ଯ୍ୟ ହେଲା ନାହିଁ, ଆପଣ ଏହାକୁ ଏକ ଶିକ୍ଷାର ସୁଯୋଗ ଭାବରେ ଗ୍ରହଣ କରିବେ। ନିଶ୍ଚିତ କରନ୍ତୁ ଯେ, ଆପଣ ଅସଫଳ ହେବାର କାରଣଗୁଡ଼ିକୁ ଚିହ୍ନଟ କରି ପ୍ରତିଫଳନ କରନ୍ତୁ କିନ୍ତୁ କେବେ ବି ଏହା ମାନିବାରେ ଭୟ କରନ୍ତୁ ନାହିଁ କି ଆପଣ ଏହାଠାରୁ ଭିନ୍ନ ଭାବରେ କରିପାରିଥାନ୍ତେ। |
| ନିଜର ପ୍ରବୃତ୍ତି ଓ ପ୍ରବଣତା ଉପରେ ଦୃଢ଼ତା | ଆପଣଙ୍କର ବିଭିନ୍ନ ବିଦ୍ୟାଳୟରେ ଶିକ୍ଷକ ରୂପେ କାର୍ଯ୍ୟ କରିବାର ଅଭିଜ୍ଞତା ରହିଥିବ। ଏହି ଅଭିଜ୍ଞତାକୁ ବିଦ୍ୟାଳୟର ନେତା ରୂପେ ଆପଣ ବ୍ୟବହାର କରିପାରିବେ। ଏକ ସ୍ୱୟଂଶାସିତ ବିଦ୍ୟାଳୟ ପାଇଁ ନୂତନ ପ୍ରେରଣା ହେଉଛି ଆପଣଙ୍କ ନୂତନ ପଦକ୍ଷେପ। ଧାରଣାକୁ ଚେଷ୍ଟା କରିବା ପାଇଁ ଓ ସୃଜନଶୀଳତା ପାଇଁ ସ୍ୱାଧୀନତା। |
| ବିରାଟ / ବୃହତ୍ର ଚିତ୍ରକୁ ଚିନ୍ତାରେ / ଭାବନାରେ ରଖିବାର ଯୋଗ୍ୟତା | ଏହା ସମସ୍ତ ନେତାଙ୍କ ପାଇଁ ପ୍ରଯୁଜ୍ୟ। ଆପଣଙ୍କ ଭୂମିକା ହେଉଛି, ବିଦ୍ୟାଳୟ ପାଇଁ ଏକ ସ୍ୱଷ୍ଟ ପରିକଳ୍ପନା ସ୍ଥାପିତ କରିବା ଓ ଜଣାଇଦେବା। ବିଦ୍ୟାଳୟ ନେତୃତ୍ୱର ମୁକ୍ତ ଶୈକ୍ଷିକ ସମ୍ବଳମାନରେ ବିଦ୍ୟାଳୟ ପାଇଁ ଏକ ପରିକଳ୍ପନା ନିର୍ମାଣ କରିବା ଓ ଅନ୍ୟମାନଙ୍କ ସହ କାର୍ଯ୍ୟ କରିବା ଉପରେ କାର୍ଯ୍ୟକାରୀ ଉପଦେଶମାନ ରହିଛି। ଏହା ଆପଣଙ୍କୁ ବିଦ୍ୟାଳୟ ବିକାଶ ଯୋଜନାକୁ ବିଦ୍ୟାଳୟ ପରିଚାଳନା ସମିତି ସହ କାର୍ଯ୍ୟକାରୀ କରିବାରେ ସହାୟକ ହେବ। |
| ନୈତିକ ପ୍ରତିବଦ୍ଧତା | ଜାତୀୟ ପାଠ୍ୟକ୍ରମ ଆଧାର ୨୦୦୫ ଓ ଶିକ୍ଷକ ଶିକ୍ଷା ପାଇଁ ଜାତୀୟ ପାଠ୍ୟକ୍ରମ ୨୦୦୯ ଓ ଶିକ୍ଷା ଅଧିକାର ଆଇନ୍ ୨୦୦୯ରେ ଥିବା ବିଶ୍ୱାସ ଓ ମୂଲ୍ୟବୋଧ ପାରମ୍ପରିକ ଭାବେ ରହିଥିବା କେତେକ ବିଶ୍ୱାସଗୁଡ଼ିକ ପ୍ରତି ଆହ୍ୱାନ। ଏହି ଦଲିଲ୍‌ରେ ରହିଥିବା ପ୍ରେରଣା / ଆକାଂକ୍ଷାଗୁଡ଼ିକ ପୂରଣ କରିବା ପାଇଁ ଆପଣଙ୍କୁ ଏଥିରେ ନିହିତ ମୂଲ୍ୟବୋଧକୁ ଭଲଭାବରେ ହୃଦୟଙ୍ଗମ କରିବାକୁ ହେବ ଏବଂ ଆପଣଙ୍କ ବିଦ୍ୟାଳୟରେ ଓ ସ୍ଥାନୀୟ ଗୋଷ୍ଠୀରେ ଏହାକୁ ଏକ ଆଦର୍ଶ ରୂପେ ପ୍ରଦର୍ଶିତ କରିବାକୁ ପଡ଼ିବ। |
| ଅଭିଜ୍ଞତାରୁ ଶିକ୍ଷଣ ପାଇଁ ସମୟ ଓ ସାମର୍ଥ୍ୟ | ଆପଣ ଯେତେବେଳେ ନିଜ ବିଦ୍ୟାଳୟକୁ ମୂଲ୍ୟାୟନ କରିବାକୁ ଆହ୍ୱାନ କରିବେ, ଏହା ସମ୍ଭବ ଯେ ଆପଣ ଇଚ୍ଛା କରିଥିବା ପରିବର୍ତ୍ତନଗୁଡ଼ିକ ଚିହ୍ନଟ କରିବେ। ଅଧିକ ଏବଂ ଶୀଘ୍ର ପରିବର୍ତ୍ତନଗୁଡ଼ିକୁ ଚେଷ୍ଟା କରିବା ବହୁତ ଗୁରୁତ୍ୱପୂର୍ଣ୍ଣ। ଆପଣ ଅଗ୍ରାଧିକାର ଭିତ୍ତିରେ ଧୀରକ୍ରମରେ ତଥା ଅନ୍ୟ ସମସ୍ତ ଶିକ୍ଷକଙ୍କୁ ନିଜ ସାଙ୍ଗରେ ନେଇ ଏହା କରିବା ଆବଶ୍ୟକ। |

## ପରିସ୍ଥିତି ଅଧ୍ୟୟନ-୧ : ଶ୍ରୀଯୁକ୍ତ ନାଗରାଜୁ ଶିକ୍ଷକମାନଙ୍କୁ ସେମାନଙ୍କ ପାଠ ଯୋଜନା ଉନ୍ନତି କରିବାରେ ସହାୟତା କରନ୍ତି।

ପ୍ରଧାନ ଶିକ୍ଷକ ଶ୍ରୀଯୁକ୍ତ ନାଗରାଜୁ ଏକ ଗାଉଁଲି ମାଧ୍ୟମିକ ବିଦ୍ୟାଳୟରେ କାର୍ଯ୍ୟ କରନ୍ତି।

ମୁଁ ଯେତେବେଳେ ଏହି ବିଦ୍ୟାଳୟରେ କାର୍ଯ୍ୟ କରିବା ଆରମ୍ଭ କଲି, ଶିକ୍ଷକମାନଙ୍କୁ ପଚାରିଲି ସେମାନେ କ'ଣ ସବୁ ଆହ୍ୱାନର ସମ୍ମୁଖୀନ ହେଉଛନ୍ତି ? ସେମାନେ କହିଲେ ପାଠ୍ୟଖସଡ଼ା ସଂପୂର୍ଣ୍ଣ କରିବା ପ୍ରକୃତରେ ବଡ଼ କଷ୍ଟକର କାରଣ ବହୁତ କିଛି ଶିଖିବାର ଥାଏ, କିନ୍ତୁ ସେମାନଙ୍କ ମଧ୍ୟରୁ ଅନେକ ଏଥିପାଇଁ ଗର୍ବିତ ଯେ ସେମାନେ ଏହା ପ୍ରତିବର୍ଷ ପରିଚାଳନା କରିପାରୁଛନ୍ତି। ଯେତେବେଳେ ମୁଁ ପରୀକ୍ଷାର ଫଳାଫଳକୁ ଦେଖିଲି, ଜାଣିଲି କେତେ ନିମ୍ନରେ ସେମାନେ ଅଛନ୍ତି। ଦଶମ ଶ୍ରେଣୀ କ୍ଷେତ୍ରରେ କେବଳ ୩୦ ଶତକଡ଼ା ଶିକ୍ଷାର୍ଥୀ ପାସ୍ କରିଛନ୍ତି। ଏହା କିପରି ହେଲା ? ଯଦି ଶିକ୍ଷକମାନେ ଏତେ କଷ୍ଟ କରି କାର୍ଯ୍ୟ କରୁଛନ୍ତି ଓ ପ୍ରତ୍ୟେକ ବର୍ଷ ପାଠ୍ୟଖସଡ଼ା ସଂପୂର୍ଣ୍ଣ କରୁଛନ୍ତି ଫଳାଫଳ ଏତେ ନିମ୍ନ ହେଲା କିପରି ? ମୁଁ କିଛିଦିନ ବିଦ୍ୟାଳୟର ଶ୍ରେଣୀମାନଙ୍କୁ ଯାଇ ଶିକ୍ଷାର୍ଥୀମାନଙ୍କର ଖାତାଗୁଡ଼ିକ ଦେଖିବାରେ କାମ କଲି। ମୁଁ ଅନୁଭବ କଲି ଯେ, ଶିକ୍ଷକମାନେ ଶିକ୍ଷାର୍ଥୀମାନଙ୍କୁ ଭାଷଣ ଦେବାରେ ବହୁତ ସମୟ ଖର୍ଚ୍ଚ କରିଛନ୍ତି। ବହୁତଗୁଡ଼ିଏ ଦୃଷ୍ଟଲିଖନ ଓ କଳାପଟାରୁ ଉତାରିବା କାମ କରାଯାଇଛି।

ମୁଁ ଶ୍ରୀଯୁକ୍ତ ସିଂହ ଶ୍ରେଣୀରେ 'ବୁଝିଲ କି' କହୁଥିବାର ଶୁଣିଲି। ସେମାନେ ଏକ ସ୍ୱରରେ କହୁଥିଲେ। ହଁ ବୁଝିଲୁ। ଶ୍ରେଣୀ ସରିଯିବା ପରେ ମୁଁ ଶ୍ରୀଯୁକ୍ତ ସିଂହଙ୍କୁ ପଚାରିଲି ଯେ, ସେମାନେ କହୁଛନ୍ତି ବୋଲି ସେ କିପରି ଜାଣିଲେ ? ଏପରି ପ୍ରଶ୍ନ ଶୁଣି ସେ ଆଶ୍ଚର୍ଯ୍ୟ ହୋଇଗଲେ ଓ କହିଲେ "ସେମାନେ କହୁଛନ୍ତି ଯେ ସେମାନେ ବୁଝିଛନ୍ତି ଓ କେହି ବି କୌଣସି ପ୍ରଶ୍ନ କରୁନାହାନ୍ତି।"

ଶ୍ରୀଯୁକ୍ତ ସିଂହ ବହୁତ କଡ଼ା ଓ ବହୁବର୍ଷ ଧରି ବିଜ୍ଞାନ ପଢ଼ାଇ ଆସୁଛନ୍ତି। ମୁଁ ଶ୍ରୀଯୁକ୍ତ ସିଂହଙ୍କ ଆଧିପତ୍ୟ ଅନୁଭବ କଲି ତେଣୁ ଆଶ୍ଚର୍ଯ୍ୟ ହେଲି ନାହିଁ ଯେ ଶିକ୍ଷାର୍ଥୀମାନେ କିଛି ବୁଝି ନାହାନ୍ତି ବୋଲି କିଛି ପ୍ରକାଶ କରିପାରୁନାହାନ୍ତି। ମୁଁ ଏହା ସୂଚାଇ ଦେଲି ଯେ ଗଲାବର୍ଷର ପରୀକ୍ଷାଫଳରୁ ସେମାନେ କିଛି ବୁଝିନାହାନ୍ତି ବୋଲି ଜଣାପଡୁଛି।

ଶ୍ରୀଯୁକ୍ତ ସିଂହ କହିଲେ ଯେ ସେମାନେ ଆଦୌ କଠିନ ପରିଶ୍ରମ କରୁନାହାନ୍ତି ଓ ଗ୍ରାମାଞ୍ଚଳର ତେଣୁ ସେ ଆଶା କରନ୍ତି ନାହିଁ ଯେ ସେମାନେ ଭଲ କରିପାରିବେ।

ମୁଁ ନିଜେ ବୁଝିଛି ଯେ ସମସ୍ତ ଶିକ୍ଷାର୍ଥୀର ଶିଖିପାରିବାର ସାମର୍ଥ୍ୟ ରହିଛି। ଏହା ଶିକ୍ଷକ ଉପରେ ନିର୍ଭର କରୁଛି ସେ କିପରି ସେମାନଙ୍କୁ ସାହାଯ୍ୟ କରିପାରିବ। କିନ୍ତୁ ମୁଁ ଶ୍ରୀ ସିଂହଙ୍କୁ କିପରି ହୃଦୟଙ୍ଗମ କରାଇବି ?

ମୁଁ ଶିକ୍ଷକମାନଙ୍କ ପୂର୍ବତନ ମୁଖ୍ୟଙ୍କ ପରି ସେମାନଙ୍କ ପାଠ ଯୋଜନା ପ୍ରତ୍ୟେକ ସପ୍ତାହରେ ଦେବା ପାଇଁ କହିଲି। ମୁଁ ଗୁରୁବାର ଓ ଶୁକ୍ରବାରରେ ଏକାଠି ହେବାକୁ ବାତିଲ୍ କଲି ଯେପରି ମୁଁ ସେମାନଙ୍କ ବିଷୟଗତ ଦଳରେ ପାଠ ଯୋଜନାଗୁଡ଼ିକ ଆଲୋଚନା କରିପାରିବି। ସେମାନେ ବହିରେ କ'ଣ ସବୁ ମୂଳ ଦକ୍ଷତା ରହିଛି ବାହାର କରିବା ପାଇଁ ଓ ପାଠ୍ୟ ଖସଡ଼ାକୁ ସଂପୂର୍ଣ୍ଣ କରିଦେବାକୁ ଗୁରୁତ୍ୱ ନ ଦେଇ ଏହି ମୂଳ ଦକ୍ଷତାଗୁଡ଼ିକ ଉପରେ ଗୁରୁତ୍ୱ ଦେବା ପାଇଁ ମୁଁ ସେମାନଙ୍କୁ ଭାବିବା ପାଇଁ ଉତ୍ସାହିତ କଲି। ମୁଁ ସେମାନଙ୍କୁ ଟେସ୍- ଭାରତ ମୁକ୍ତ ଶୈକ୍ଷିକ ସମ୍ବଳ ସମୂହରୁ କେତେକ ଦେଖାଇଲି ଓ ବହିରେ ନ ଥିଲେ ମଧ୍ୟ ପ୍ରତି ପାଠକୁ ପିଲାଙ୍କୁ ପ୍ରକୃତରେ ଭଲ ଲାଗୁଥିବା ଦୃଷ୍ଟିରୁ ଆରମ୍ଭ କରିବା ପାଇଁ ସେମାନଙ୍କୁ ଉତ୍ସାହିତ କଲି। ମୁଁ ସେମାନଙ୍କୁ ପରାମର୍ଶ ଦେଲି ଯେ ସେମାନେ ଏକକଗୁଡ଼ିକୁ ଭିନ୍ନ କ୍ରମରେ କରିପାରିବେ ଯଦି ତାହା ଶିକ୍ଷାର୍ଥୀମାନଙ୍କୁ ସାହାଯ୍ୟ କରିବ ଓ ଯେଉଁ ଶିକ୍ଷକମାନେ ସେପରି କରୁଥିଲେ ସେମାନଙ୍କୁ ପ୍ରଶଂସା କଲି।

ବର୍ଷ ଶେଷରେ ମୁଁ ସମସ୍ତ ଶିକ୍ଷକଙ୍କୁ ପରୀକ୍ଷା ଫଳାଫଳକୁ ଏକ ସାରଣୀରେ ପୂରଣ କରିବା ପାଇଁ କହିଲି। ଶ୍ରୀଯୁକ୍ତ ସୁଶାନ୍ତ ଜଣେ ଅନଭିଜ୍ଞ ଓ ଯୁବ ବିଜ୍ଞାନ ଶିକ୍ଷକ ଯିଏ କି ପାରସ୍ପରିକ ଆଲୋଚନାଯୁକ୍ତ ପନ୍ଥା ଶ୍ରେଣୀରେ ଶିକ୍ଷଣବେଳେ ଅବଲମ୍ବନ କରିଛନ୍ତି। ସେ ବହିରେ ଥିବା ଚାରୋଟି ଅଧ୍ୟାୟର ପ୍ରତ୍ୟେକ ପୃଷ୍ଠାକୁ ପଢ଼େଇ ନାହାନ୍ତି କିନ୍ତୁ ଶ୍ରୀ ସିଂହଙ୍କ ଶ୍ରେଣୀ ଅପେକ୍ଷା ତାଙ୍କ ଶ୍ରେଣୀର ଶିକ୍ଷାର୍ଥୀମାନେ ଅଧିକ ଭଲ କରିଛନ୍ତି।

## ଶିକ୍ଷଣକାର୍ଯ୍ୟ – ୨ : ନେତୃତ୍ୱର ଗୁଣାବଳୀଗୁଡ଼ିକ ଚିହ୍ନଟ କରିବା

ସାରଣୀ – ୧ (କ) ପୁନର୍ବାର ପଢ଼ନ୍ତୁ ଯେଉଁଥିରେ କି ଏକ ଉତ୍ତମ ନେତାର ଗୁଣାବଳୀର ତାଲିକା ରହିଛି ।

ନିଜର ବନ୍ଧୁ ବା ସହକର୍ମୀଙ୍କ ସହିତ ସଫଳ କାହାଣୀ-୧କୁ ବିଶ୍ଳେଷର କରନ୍ତୁ ଏବଂ ଶ୍ରୀଯୁକ୍ତ ନାଗରାଜୁ ପ୍ରଦର୍ଶନ କରିଥିବା ଗୁଣାବଳୀଗୁଡ଼ିକର ଉଦାହରଣ ଖୋଜନ୍ତୁ। ସେଗୁଡ଼ିକ ନିଜର ଶିକ୍ଷଣ ଡ଼ାଏରୀରେ ଟିପି ରଖନ୍ତୁ ବା ବାରି ହେବା ପରି କଲମ ବା ପେନ୍‌ସିଲ୍‌ରେ ସେହି ବାକ୍ୟ / ବାକ୍ୟ ଖଣ୍ଡଗୁଡ଼ିକ ତଳେ ଗାର ଦିଅନ୍ତୁ।

### ଆଲୋଚନା

ଶ୍ରୀ ନାଗରାଜୁ ସମସ୍ୟାର ସମାଧାନ କରିବା ପାଇଁ ଅଗ୍ରସର ହୋଇପଡ଼ିବା ଅପେକ୍ଷା କ'ଣ ସବୁ ଚାଲିଛି ତାକୁ ଦେଖିଲେ ଓ ଶିକ୍ଷକମାନଙ୍କ ସହ ଆଲୋଚନା କଲେ। ସେ ଲୋକଙ୍କୁ ବଦଳାଇବାର ଜଟିଳତାକୁ ଚିହ୍ନଟ କଲେ କିନ୍ତୁ ଏକ ସମାଧାନ ବାହାର କରିବା ପାଇଁ ଦୃଢ଼ ନିଶ୍ଚିତ ଥିଲେ। ସେ ମଧ୍ୟ ଏକ ସମ୍ଭାବ୍ୟ ଜଟିଳତା (ବିପଦ)କୁ ଗ୍ରହଣ କଲେ ଓ ଶିକ୍ଷକମାନଙ୍କୁ ପ୍ରତ୍ୟେକ ଅଧ୍ୟାୟକୁ ବିଶଦଭାବେ ନ ପଢ଼ାଇ କେତେକ ମୂଳ ଦକ୍ଷତାକୁ ଗୁରୁତ୍ୱ ଦେବା ପାଇଁ କହିଲେ ଏବଂ ଏଥିପାଇଁ ତାଙ୍କ ପାଖରେ ଯଥାର୍ଥ କାରଣ ରହିଥିଲା। ସେ ବିଶ୍ୱାସ କରୁଥିଲେ ଯେ ଯେକୌଣସି ପୃଷ୍ଠଭୂମିରୁ ଶିକ୍ଷାର୍ଥୀ ଆସିଥା'ନ୍ତୁ ନା କାହିଁକି ସମସ୍ତ ଶିକ୍ଷାର୍ଥୀ ଶିଖିପାରିବେ। ସେ ମଧ୍ୟ ରହିଥିବା କାର୍ଯ୍ୟପ୍ରଣାଳୀ ମଧ୍ୟରେ କାର୍ଯ୍ୟ କରିବା ଆରମ୍ଭ କଲେ – ଉଦାହରଣସ୍ୱରୂପ, ଛୁଟି ପରେ ଅଧିକ ସମୟ ରହିବା ପାଇଁ କହିବା ଅପେକ୍ଷା ସାମୂହିକ ସଭାକୁ ବାତିଲ୍ କରି ସମୟ ବାହାର କଲେ।

ଶିକ୍ଷଣକାର୍ଯ୍ୟ-୨କୁ ଚେଷ୍ଟା କରିବା ସହିତ ଆପଣ ଏକ ଭିଡ଼ିଓ ଦେଖନ୍ତୁ ଯେଉଁଥିରେ ବିଦ୍ୟାଳୟର ମୁଖ୍ୟ କିପରି ଜଣେ ଭଲ ନେତାର ଗୁଣାବଳୀ ପ୍ରଦର୍ଶିତ କରୁଛନ୍ତି- ଯାହା ସେ କହିଥା'ନ୍ତି, ବିଶ୍ଳେଷଣ କରନ୍ତୁ।



ଭିଡ଼ିଓ : ବିଦ୍ୟାଳୟ ନେତୃତ୍ୱ

## ୩ ଆବଶ୍ୟକତାକୁ ବିଶ୍ଳେଷଣ କରିବା

ସାରଣୀରେ ପରାମର୍ଶ ଦିଆଯାଇଛି ଯେ, ବିଦ୍ୟାଳୟର ନେତାଙ୍କୁ ଫଳପ୍ରଦ ହେବା ପାଇଁ କେବଳ ବ୍ୟକ୍ତିଗତ ଗୁଣାବଳୀର ଆବଶ୍ୟକତା ରହିଛି ତାହା ନୁହେଁ ଅଧିକନ୍ତୁ ଏକ ଦକ୍ଷତା ସମୂହ ରହିବା ମଧ୍ୟ ଆବଶ୍ୟକ। (ସମ୍ବଳ-୨ ଦେଖନ୍ତୁ) ଆପଣଙ୍କୁ ସମଭାବରେ ଯୋଗ୍ୟତା ସଂପନ୍ନ ଓ ସମସ୍ତ କ୍ଷେତ୍ରରେ କୃତକାର୍ଯ୍ୟ ହେବାକୁ ପଡ଼ିବ। ଏହା ମଧ୍ୟ ମନେରଖିବା ଗୁରୁତ୍ୱପୂର୍ଣ୍ଣ ଯେ ଆପଣଙ୍କ ଶିକ୍ଷାର୍ଥୀ ଓ ଶିକ୍ଷକମାନଙ୍କ ପରି ଆପଣଙ୍କ ନିଜର ମଧ୍ୟ ଜ୍ଞାନ ଓ କୌଶଳ ଅଭ୍ୟୁଦୟ ଓ ବିକଶିତ ହୋଇଥିବ ଯାଦ୍ୱାରା ଆପଣ ସମୟକ୍ରମେ ନୂଆ ନୂଆ ଆହ୍ୱାନର ମୁକାବିଲା କରିପାରିବେ ଓ ଜଣେ ବିଶାରଦ ହୋଇପାରିବେ।

## ଶିକ୍ଷଣକାର୍ଯ୍ୟ ୩ : ଏକ ଆବଶ୍ୟକତାର ବିଶ୍ଳେଷଣ

ସମ୍ବଳ-୨ରେ ଥିବା ସାରଣୀ ସଂପୂର୍ଣ୍ଣ କରନ୍ତୁ ଯଦ୍ୱାରା ଆପଣ ବିଦ୍ୟାଳୟର ନେତୃତ୍ୱ ଭୂମିକାର ଦିଗମାନ ଚିହ୍ନଟ କରିପାରିବେ ଓ ଯେଉଁଗୁଡ଼ିକ ବିକାଶ ହେବାର ଆବଶ୍ୟକ ବୋଲି ଆପଣ ଅନୁଭବ କରନ୍ତି ଓ କେଉଁସବୁ ଦିଗ ଉପରେ ଆପଣ ଅଧିକ ଶିଖିବାର ଅଛି ସେଗୁଡ଼ିକୁ ଚିହ୍ନଟ କରନ୍ତୁ।

ପ୍ରଥମରେ ନିଜକୁ 'ଉଚ୍ଚସ୍ତରର ଦକ୍ଷ' ବା 'ଯଥାର୍ଥ ଭାବେ ଦକ୍ଷ' ବା 'ସାଧାରଣ ଭାବେ ଦକ୍ଷ' ଆଧାରରେ ମାପ କରନ୍ତୁ। ଏହା ନିଃସନ୍ଦେହ ଯେ ଆପଣଙ୍କ ପାଖରେ ବହୁତ ଜ୍ଞାନ ରହିଛି। ଶିକ୍ଷା ଏକ ଜୀବନବ୍ୟାପୀ ପ୍ରକ୍ରିୟାରେ ଆପଣ ନିଜର କୌଶଳ ଓ ଦକ୍ଷତାକୁ

ବିସ୍ତାରିତ କରିପାରିବେ ଓ ନିଜକୁ ମାର୍ଜିତ କରିପାରିବେ। ଏହି ସାରଣୀକୁ ପୂରଣ କରିବା ଦ୍ୱାରା ଏହା ଆପଣଙ୍କର ଆବଶ୍ୟକତା ଓ ଜଣେ ଫଳପ୍ରଦ ଓ ସମର୍ଥକାମୀ ନେତା ଭାବରେ ବିକାଶର ପ୍ରାଥମିକତାକୁ ବିଶ୍ଳେଷଣ କରିବାରେ ସହାୟକ ହେବ।

ଆପଣ ମଧ୍ୟ ଏହି ପ୍ରକ୍ରିୟାକୁ ଆପଣଙ୍କ ସହକର୍ମୀଙ୍କ ସହ ଆଲୋଚନା କରିପାରିବେ ଓ ନିଜର ଆବଶ୍ୟକତାର ପ୍ରାଥମିକତା ଓ ତାଙ୍କର ଆବଶ୍ୟକତାମାନ ସହ ଆଲୋଚନା କରିପାରିବେ। ଜଣେ ବିଦ୍ୟାଳୟର ମୁଖ୍ୟ ଟିକିଏ ଅଲଗା ହୋଇଯାଇପାରେ, ତେଣୁ ଏକ ସହତତ୍ତ୍ୱାବଧାନ ସଂପର୍କ ପରସ୍ପରକୁ ସାହାଯ୍ୟ କରନ୍ତି। ସେମାନଙ୍କର ଆବଶ୍ୟକତାଗୁଡ଼ିକ ଦେଖିବାରେ, ଜାଣିବା ପାଇଁ ପରିସ୍ଥିତି ଅଧ୍ୟୟନ-୨ ପଢ଼ନ୍ତୁ।

## ପରିସ୍ଥିତି ଅଧ୍ୟୟନ ୨: ଶ୍ରୀ କପୁର ଓ ଶ୍ରୀ ଅଗ୍ରୱାଲ ସେମାନଙ୍କ ଆବଶ୍ୟକତା ସମ୍ପର୍କରେ ଆଲୋଚନା କରନ୍ତି।

ଶ୍ରୀ କପୁର ଓ ଶ୍ରୀ ଅଗ୍ରୱାଲ ଏକ ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ ଓ ସେମାନେ ଦେଖିଲେ ସେମାନଙ୍କ ମଧ୍ୟରେ ଅନେକଗୁଡ଼ିଏ ସମାନ ଧାରଣା ରହିଛି। ସେମାନେ ପ୍ରତ୍ୟେକ ମାସ ସାକ୍ଷାତ ହେବା ପାଇଁ ଓ କାର୍ଯ୍ୟ-୩କୁ ଏକାଠି କରିବା ପାଇଁ ବ୍ୟବସ୍ଥା କଲେ। ଉଦାହରଣ ଖୋଜିବାରେ ପରସ୍ପର ପରସ୍ପରକୁ ସାହାଯ୍ୟ କରିବା ଓ ଅନୁସନ୍ଧାନ ପାଇଁ ପରସ୍ପରକୁ ପ୍ରଶ୍ନ ପଚାରିବା ପାଇଁ ସ୍ଥିର କଲେ। "ଆଦର୍ଶ ଆଚରଣ"ର ଗୁଣାବଳୀ ସମ୍ପର୍କରେ ସେମାନଙ୍କ କଥାବାର୍ତ୍ତା ଶୁଣନ୍ତୁ।

ତେବେ ବନ୍ଧୁ- ଆପଣ ବ୍ୟକ୍ତିଗତ ସଚ୍ଚୋଟତା ପ୍ରଦର୍ଶନ ପାଇଁ କିପରି କ'ଣ କରନ୍ତି ?

ମୁଁ ଏହା ସହକର୍ମୀ ଓ ଶିକ୍ଷାର୍ଥୀମାନଙ୍କ ପ୍ରତି ମୋର ବ୍ୟବହାର ପ୍ରଦର୍ଶନର ସ୍ଥିରତା ରଖିବାକୁ ମନେକରେ।

ମୁଁ ସବୁବେଳେ ପ୍ରତ୍ୟେକଙ୍କୁ ସମ୍ମାନର ସହିତ ବ୍ୟବହାର କରେ ଓ ସେଥିରେ ଉଚ୍ଚ ମାନ ବଜାୟ ରଖେ।

ଏହି ସପ୍ତାହରେ ଏପରି ହେବାର ଏକ ଉଦାହରଣ ମୋତେ ଦେବେ କି ?

ବନ୍ଧୁ, ଏବେ ଆପଣ ମୋତେ ଚିହ୍ନିତ କଲେ କିନ୍ତୁ ଆପଣ ଠିକ୍, ଆମେ ବହୁତ କଥା କହିପାରିବା କିନ୍ତୁ କାମରେ ଦେଖାଇ ପାରୁନାହୁଁ। ମୋତେ ଚିନ୍ତା କରିବାକୁ ଦିଅନ୍ତୁ। ମୁଁ ବିଦ୍ୟାଳୟରେ ଏହା ସ୍ପଷ୍ଟ କରିଦେଉଛି ଯେ ପ୍ରତ୍ୟେକ ଶିକ୍ଷାର୍ଥୀ ସମାନ, କିନ୍ତୁ ମୁଁ ଗୋଟିଏ ପରିବାରର ଅଭିଯୋଗ ପାଇଲି ଯେ ତାଙ୍କର ଦୁଇ ପୁଅଙ୍କୁ ଅଣଦେଖା କରାଯାଉଛି। ମୁଁ ଏ ବିଷୟରେ ଅନୁସନ୍ଧାନ କଲି ଓ ସହକର୍ମୀମାନଙ୍କ ସହ କଥାବାର୍ତ୍ତା ହେଲି ଓ ସେହି ଦୁଇ ଶିକ୍ଷାର୍ଥୀଙ୍କ ସହ ମଧ୍ୟ କଥା ହେଲି। କହିଲି ଏ ବିଷୟକୁ ତଦାରଖ କରାଯିବ ଓ ସେମାନଙ୍କ ପରିବାରକୁ ଏକ ମାସ ମଧ୍ୟରେ ଆଉ ଥରେ ସାକ୍ଷାତ କରିବା ପାଇଁ ପ୍ରତିଶ୍ରୁତି ଦେଲି।

ହଁ ଏହା ଆପଣଙ୍କ ବ୍ୟକ୍ତିଗତ ସଙ୍କୋଚତା ପ୍ରଦର୍ଶନର କଥା କହୁଛନ୍ତି ଏବଂ ଏହା ଆପଣଙ୍କ ମୂଲ୍ୟବୋଧକୁ ସ୍ପଷ୍ଟ କରୁଛି। ଏପରି ଉତ୍ସୁକତା ଦେଖାଇ ହେବା ପ୍ରକୃତରେ କ'ଣ ? ଆପଣ ଯାହା କଲେ ତାହା ଅଧିକ ନା ସ୍ୱଳ୍ପ ଅଟେ ?

ଯଦିଓ ମୁଁ ଶିକ୍ଷଣ ପାଇଁ ଆବେଗିକ, ଆପଣ ଜାଣନ୍ତି, କିନ୍ତୁ ମୁଁ ନିଶ୍ଚିତ ନୁହେଁ ଯେ ମୁଁ ସେତିକି ମାତ୍ରାରେ ଆଗ୍ରହ / ଉତ୍ସୁକତା ଦେଖାଇପାରିଛି। ଅନ୍ୟ ଦିନ ମୁଁ ଯେତେବେଳେ ଅନ୍ୟ ଶିକ୍ଷକମାନଙ୍କ ସହ କଥାବାର୍ତ୍ତା ହେଲି, ଲକ୍ଷ୍ୟ କଲି ମୁଁ ସେତିକି ମାତ୍ରାରେ ସମ୍ବେଦନା ପାଇଲି ନାହିଁ।

ଆପଣ ଦଳଗତ କାର୍ଯ୍ୟ ଉପରେ ଟେସ୍- ଭାରତ ଭିଡ଼ିଓଗୁଡ଼ିକ ଦେଖିଛନ୍ତି କି ? ସେଗୁଡ଼ିକ ଆଲୋଚନା କରିବା ପାଇଁ ବହୁତ ଭଲ ଏବଂ ଏହାକୁ ଲୋକମାନଙ୍କ ସହ କଥା ହେବା ପାଇଁ ବ୍ୟବହାର କରାଯାଇପାରିବ।

ଏହା ଏକ ଭଲ କଥା। ମୁଁ ମଧ୍ୟ ଭାବିଲି ଯେ, ମୁଁ ଶିକ୍ଷକମାନଙ୍କୁ ଅଧିକ ପ୍ରତିମତ (feedback) ପ୍ରଦାନ କରିପାରିଛି, ଦଳଗତ କାର୍ଯ୍ୟ ଦ୍ୱାରା ମୋର ଆଗ୍ରହକୁ ସେମାନଙ୍କ ପ୍ରଚେଷ୍ଟା ପ୍ରତି ପ୍ରଦର୍ଶନ କରିବା ପାଇଁ।

ଆସନ୍ତୁ, ଶିକ୍ଷକ ବିକାଶ ମୁକ୍ତ ଶୈକ୍ଷିକ ସମ୍ବଳ ସମୂହଗୁଡ଼ିକ ତାଲିକା କରିବା ଏବଂ ଦେଖିବା ଆପଣ ଆପଣଙ୍କ "ଉତ୍ସାହ ଅଭିମାନ" ପାଇଁ କ'ଣ ସୁପାରିଶ କରିପାରିବେ। ମୁଁ ଭାବୁଛି ଗୋଟିଏ ପ୍ରୟୋଗିକ କାର୍ଯ୍ୟ କରିବାକୁ ଓ ମୋ ନିଜକୁ ଅନ୍ୱେଷଣ କରିବି ମୋର ଏକ ପାଠ ଯୋଜନାରେ।

ମୁଁ ଏବେ ଠାରୁ ଆହୁରି ଅଧିକ ଉତ୍ସାହିତ ଅନୁଭବ କରୁଛି।

## ୪ ଏକ ଶିକ୍ଷଣ ଯୋଜନା ପ୍ରସ୍ତୁତି

ଆପଣଙ୍କ ବୃତ୍ତିଗତ ବିକାଶର ଆବଶ୍ୟକତା ସବୁ ଚିହ୍ନଟ କରିଥିବାରୁ ଆପଣ ଉକ୍ତ ଆବଶ୍ୟକତାଗୁଡ଼ିକୁ ପୂରଣ କରିବା ପାଇଁ ଏକ ଶିକ୍ଷଣ ଯୋଜନା ତିଆରି କରିପାରିବେ। ସମ୍ବଳ-୩ ଟେସ୍- ଭାରତ ମୁକ୍ତ ଶୈକ୍ଷିକ ସମ୍ବଳ ସମୂହର ତାଲିକା ପ୍ରଦାନ କରୁଛି।

ଏପରି ଉତ୍ତମ ଧରଣର ଗୋଟିଏ ଆରମ୍ଭ (ଏହି ଏକକ ପରେ) କରିବା ପାଇଁ ହେଉଛି, "ଶିକ୍ଷଣ-ଶିକ୍ଷାଦାନ ପ୍ରକ୍ରିୟାର ରୂପାନ୍ତରଣ: ପ୍ରାରମ୍ଭିକ ବିଦ୍ୟାଳୟରେ ଶିକ୍ଷଣ ଓ ଶିକ୍ଷାଦାନରେ ବିକାଶକୁ ଆଗେଇ ନେବା, ଯାହାକି ଟେସ୍- ଭାରତ ପ୍ରକଳ୍ପର ଶିକ୍ଷଣ ବିଜ୍ଞାନ ଉପରେ ପର୍ଯ୍ୟବେସିତ। ଆପଣଙ୍କୁ ଉପଲବ୍ଧ ଥିବା ଅନ୍ୟ ସମ୍ବଳଗୁଡ଼ିକୁ ଖୋଜିବା ପାଇଁ ସୁଯୋଗ ଦେବ। ଏହି ସମସ୍ତ ସାମଗ୍ରୀ "ମୁକ୍ତ ଶୈକ୍ଷିକ ସମ୍ବଳ ସମୂହ"ରେ ଉପଲବ୍ଧ ଅର୍ଥାତ୍ ଏହା ମାଗଣା – ଆପଣ ଏଗୁଡ଼ିକର ନକଲ / ପ୍ରତିଲିପି କରି ନିଜର ସନ୍ଦର୍ଭରେ ଉପଭୋଗ କରିପିାରବେ।

**ଶିକ୍ଷଣକାର୍ଯ୍ୟ-୪ : ଟେସ୍-ଭାରତ ମୁକ୍ତ ଶୈକ୍ଷିକ ସମ୍ବଳ ସମୂହ ଜରିଆରେ ଆପଣଙ୍କ ଶିକ୍ଷଣ ଯୋଜନା ।**

ଟେସ୍- ଭାରତ ବିଦ୍ୟାଳୟ ନେତୃତ୍ୱ ମୁକ୍ତ ଶୈକ୍ଷିକ ସମ୍ବଳ ସମୂହକୁ ଉପଭୋଗ କରି ଆପଣ ନିଜ ପାଇଁ ଶିକ୍ଷଣ ଯୋଜନା ତିଆରି କରିପାରିବେ ଓ ଏଥିପାଇଁ ନିମ୍ନଲିଖିତ ପଦକ୍ଷେପମାନ ଅନୁସରଣ କରନ୍ତୁ ।

୧. ବିଦ୍ୟାଳୟ ନେତୃତ୍ୱ ମୁକ୍ତ ଶୈକ୍ଷିକ ସମ୍ବଳ ସମୂହରେ ଥିବା ଶୀର୍ଷକଗୁଡ଼ିକ ଦେଖନ୍ତୁ ଏବଂ ପ୍ରତ୍ୟେକ ସମ୍ବଳରେ କ'ଣ କ'ଣ ଏକତ୍ରିତ କରାଯାଇଛି ବାହାର କରନ୍ତୁ, ଉଦାହରଣ ସ୍ୱରୂପ ଶିକ୍ଷକଙ୍କ ବିକାଶ ପାଇଁ ରହିଛି ୩ଟି ଯୋଜନା ।
୨. ଯେଉଁ ୩ଟି ଏକକ ଆପଣ ଅଧ୍ୟୟନ କରିବାକୁ ଚାହୁଁଛନ୍ତି ବାଛନ୍ତୁ । ଆପଣଙ୍କ ଶିକ୍ଷଣ ଦୈନନ୍ଦିନୀରେ କେଉଁ କ୍ରମରେ ସେହି ଏକକଗୁଡ଼ିକ ପଢ଼ିବାକୁ ଚାହୁଁଛନ୍ତି ଟିପି ରଖନ୍ତୁ ।
୩. ଆପଣ ବାଛିଥିବା ଏକକଗୁଡ଼ିକୁ ଆହୁରି ଅଧିକ ଗଭୀର ରୂପେ ନିରେଖି ଦେଖନ୍ତୁ ଓ ସ୍ଥିର କରନ୍ତୁ ପ୍ରତ୍ୟେକଟି ପାଇଁ କେତେ ସମୟ ଦେବେ ।

## ୫ ଆପଣ ଶିକ୍ଷକମାନଙ୍କୁ ଦିଗ୍‌ଦର୍ଶନ ଦେବାର ସୁଯୋଗମାନ ସୃଷ୍ଟି କରିପାରିବେ

- ନୂତନ ଧାରଣା ଓ କାର୍ଯ୍ୟାଭ୍ୟାସ ପାଇଁ ପ୍ରୟାସ କରିବା ଦ୍ୱାରା
- ଶିକ୍ଷକମାନଙ୍କୁ ପ୍ରତିମତ (feedback) ପ୍ରଦାନ ଦ୍ୱାରା
- ସେମାନଙ୍କ ଶ୍ରେଣୀଗୃହରେ ସକାରାତ୍ମକତା ସହଭାଗିତା ଓ ପ୍ରତିଫଳନ ଦ୍ୱାରା
- ଉନ୍ନତି ପାଇଁ ଭିନ୍ନ ଢ଼ଙ୍ଗରେ କ'ଣ କରାଯାଇପାରିବ ତା' ଉପରେ ଆଲୋଚନା

ପରବର୍ତ୍ତୀ ପରିସ୍ଥିତି ଅଧ୍ୟୟନ ଶିକ୍ଷକମାନଙ୍କୁ ଶୁଣିବା ଓ ନେତୃତ୍ୱ ପ୍ରତି ଏକ ସହକାର୍ମିକ ଅଭିବ୍ୟକ୍ତି କରିବାର ଗୁରୁତ୍ୱକୁ ଉଦ୍‌ଭାସିତ କରୁଛି । ସମର୍ଥ କରାଇବା ଅର୍ଥ ଆପଣଙ୍କ ଶିକ୍ଷକମାନଙ୍କ ସହିତ ଓ ସାହଚର୍ଯ୍ୟରେ କାର୍ଯ୍ୟ କରିବା, ଯେପରିକି ସେମାନଙ୍କ ସହିତ କଥାବାର୍ତ୍ତା ହୋଇପାରିବେ ଓ ଆପଣ ସେମାନଙ୍କ ଠାରୁ ଶିଖିବା ନିଶ୍ଚିତ କରିପାରିବେ ।

ଜଣେ ସମର୍ଥକାରକ ହେବା ମାନେ ଏକ ସକ୍ରିୟ ସହଭାଗୀ ଶିକ୍ଷଣ ପାଇଁ ପରିସ୍ଥିତି ସୃଷ୍ଟି କରିବା, ପ୍ରତ୍ୟେକ ଶିକ୍ଷାର୍ଥୀଙ୍କ ପାଇଁ ସହଭାଗୀ ଶିକ୍ଷଣକୁ ଅନୁଷ୍ଠିତ କରାଇବା । ପୁରା ବର୍ଷ ପାଇଁ କର୍ମ ଯୋଜନା କରନ୍ତୁ, ଆପଣଙ୍କ କାର୍ଯ୍ୟର ପ୍ରାଥମିକତାକୁ ବିଚାର କରନ୍ତୁ; ଆପଣ ଅଂଶଗ୍ରହଣ କରିଥିବା କୌଣସି ପାଠ୍ୟକ୍ରମ ସଂପର୍କିତ ତାଲିମ୍, ସମୟସୀମା ଓ ଆପଣ ଅନ୍ୟ ପ୍ରକଳ୍ପ ବା କାର୍ଯ୍ୟ ପାଇଁ କରିଥିବା ଅଙ୍ଗୀକାରଗୁଡ଼ିକ ବିଚାର କରନ୍ତୁ ।

ଶେଷରେ କିପରି ଆପଣ ଏହି ସାମଗ୍ରୀମାନ ପାଇପାରିବେ (ଇଣ୍ଟରନେଟ୍, ବିନା ଇଣ୍ଟରନେଟ୍ ବା ଚିପା ହୋଇଥିବା) ଏବଂ ଏପରି ଜଣେ ବ୍ୟକ୍ତି ଯାହାଙ୍କ ସହିତ ଆପଣ କାର୍ଯ୍ୟ କରିପାରିବେ ଓ ଆପଣ ଶିକ୍ଷଣକୁ ସଂକ୍ଷେପଣ କରିପାରିବେ, ଚିନ୍ତା କରନ୍ତୁ ।

ଆପଣଙ୍କ ଶିକ୍ଷଣ ଯୋଜନାକୁ କାର୍ଯ୍ୟକାରୀ କରିବା ବିଦ୍ୟାଳୟର ମୁଖ୍ୟ ଜଣେ ସାମର୍ଥ୍ୟକାରକ । ବିଦ୍ୟାଳୟର ମୁଖ୍ୟ ଭାବରେ ଆପଣଙ୍କ ଭୂମିକା ଅର୍ଥାତ୍ ଆପଣଙ୍କ ଗୁଣାବଳୀ ଓ ଦକ୍ଷତା ସମୂହ ହେଉଛି ଶିକ୍ଷଣ-ଶିକ୍ଷାଦାନ ପ୍ରକ୍ରିୟାରେ ପରିବର୍ତ୍ତନକୁ ପ୍ରଭାବିତ କରିବା ପାଇଁ ହେଉଛି ଏକମାତ୍ର ଗୁରୁତ୍ୱପୂର୍ଣ୍ଣ କାରକ । ଯଦି ଆପଣ ଶିକ୍ଷକମାନଙ୍କୁ ପରୀକ୍ଷାମୂଳକ ଭାବରେ କାର୍ଯ୍ୟ କରିବାକୁ ଓ ପାରମ୍ପରିକ ବା ଗତାନୁଗତିକ ଶିକ୍ଷାଦାନ ପଦ୍ଧତିକୁ ତ୍ୟାଗ କରିବାକୁ ସମର୍ଥ କରାଇନାହାନ୍ତି, ତେବେ ଶିକ୍ଷାର୍ଥୀମାନଙ୍କର ଶିକ୍ଷଣରେ ପରିବର୍ତ୍ତନ ହେବ ନାହିଁ ।

ଆପଣ ନିଜେ ଜଣେ ଜୀବନବ୍ୟାପୀ ଶିକ୍ଷାର୍ଥୀଭାବରେ ଅବତୀର୍ଣ୍ଣ ହୋଇ ଓ ଆପଣଙ୍କ ଶିକ୍ଷଣକୁ ନୂତନତ୍ୱ ଆଣିବା ଓ ସମସ୍ୟା ସମାଧାନରେ ଉପଯୋଗ କରିବା ଦ୍ୱାରା ଆପଣ ଶିକ୍ଷକମାନଙ୍କୁ ସକ୍ଷମ କରାଇପାରିବେ ।

## ପରିସ୍ଥିତି ଅଧ୍ୟୟନ ୩ : ବିଦ୍ୟାଳୟକୁ ଏକ ନୂତନ ଦୃଷ୍ଟିରେ ଦେଖିବା ।

ଏହା ହେଉଛି ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନରେ ହେଉଥିବା ମାଧ୍ୟମିକ ବିଦ୍ୟାଳୟମାନଙ୍କର ମୁଖ୍ୟମାନଙ୍କ ପ୍ରଶିକ୍ଷଣରେ ଅଂଶଗ୍ରହଣ କରିଥିବା ଶିକ୍ଷକମାନଙ୍କ ସହିତ ସାକ୍ଷାତ୍କାରର ଏକ ଲେଖା ।

ସେ ବିଦ୍ୟାଳୟର ମୁଖ୍ୟ ଭାବରେ ଯୋଗଦେବା ପରଠାରୁ ତାଙ୍କର ବିଦ୍ୟାଳୟର ଉପସ୍ଥାନ ହାର ବହୁତ ବଢ଼ିଛି ଏବଂ ବିଦ୍ୟାଳୟଟି ଭଲ କରୁଛି । ସେ ଏହି ଉନ୍ନତ ପରୀକ୍ଷା ଫଳାଫଳ ବାବଦରେ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ସହ କଥା ହେବାକୁ ଅତ୍ୟନ୍ତ ଆଗ୍ରହୀ ଥିଲେ କିନ୍ତୁ ସେ ହୃଦୟଙ୍ଗମ କରିବା ଆରମ୍ଭ କଲେ ବିଦ୍ୟାଳୟର ଆହୁରି ଅନ୍ୟ ଗୁରୁତ୍ୱପୂର୍ଣ୍ଣ ବିଷୟ ଉପରେ କାର୍ଯ୍ୟ କରିବାର ଆବଶ୍ୟକତା ରହିଛି ।

ଇତ୍ୟବସରେ ଆମେ ଟେସ୍-ଭାରତ ମୁକ୍ତ ଶୈକ୍ଷିକ ସମ୍ବଳ ସମୂହ ବିଷୟରେ ଅବଗତ ହୋଇଥିଲୁ ଯାହାକି ଆତ୍ମସମୀକ୍ଷା ଓ ବିକାଶ ଯୋଜନା ଉପରେ ଆଧାରିତ ଅଟେ (ନେତୃତ୍ୱ ଉପରେ ଆଭିମୁଖ୍ୟ- ବିଦ୍ୟାଳୟର ଆତ୍ମସମୀକ୍ଷାକୁ ଅଗ୍ରାଧିକାର ନେତୃତ୍ୱ ଉପରେ ଆଭିମୁଖ୍ୟ- ବିଦ୍ୟାଳୟ ବିକାଶ ଯୋଜନା) ମୁଁ ବିରତିକୁ ଚାହିଁ ରହିଥିଲି କାରଣ ମୁଁ ଆମ ପରୀକ୍ଷା ଫଳାଫଳର ସୁଖବରକୁ ମୋ ସହକର୍ମୀମାନଙ୍କ ସହିତ ବାଣ୍ଟିପାରିବି ।

ଆମେ ଯେତେବେଳେ ଆତ୍ମସମୀକ୍ଷା ଉପରେ ଥିବା ଏକକ ଉପରେ କାମ କରୁଥିଲୁ ମୁଁ ଆନନ୍ଦିତ ଅନୁଭବ କଲି ଯେ ଆମ ବିଦ୍ୟାଳୟରେ ଅନେକ କଥା ଠିକ୍ ଠାକ୍ ଚାଲିଛି । କିନ୍ତୁ ସେତେବେଳେ ପ୍ରଶିକ୍ଷକ ଆମକୁ କେତୋଟି ପ୍ରଶ୍ନ ପଚାରିଲେ ଆମ ଶିକ୍ଷକ ଓ ବିଦ୍ୟାଳୟ ବିଷୟରେ ଏବଂ ସେମାନେ ଆମ ବିଦ୍ୟାଳୟ ବିଷୟରେ କ'ଣ ଭାବନ୍ତି ? ମୋ ବିଦ୍ୟାଳୟରେ ୧୦ ଜଣ ଶିକ୍ଷକ ଅଛନ୍ତି କିନ୍ତୁ ମୁଁ ଜାଣି ନାହିଁ ସେମାନେ ମୁଁ କରିଥିବା କୌଣସି ପରିବର୍ତ୍ତନ ବିଷୟରେ କ'ଣ ଭାବନ୍ତି, ମୁଁ ସେମାନଙ୍କୁ ଯାହା କରିବା ପାଇଁ କହିବି, କୌଣସି ବିରୋଧ ନ କରି କରିଛନ୍ତି ।

ଆମର ବହୁତ ଶିକ୍ଷାର୍ଥୀ ଥିବାରୁ ମୁଁ ଆଉ ଜଣେ ଗଣିତ ଶିକ୍ଷକ ନିହାତି ଭାବରେ ଆବଶ୍ୟକ କରୁଥିଲି ଆମର ବହୁତ ଶିକ୍ଷାର୍ଥୀ ଥିଲେ । ମଧ୍ୟାହ୍ନ ଭୋଜନ ସମୟରେ ମୋତେ କହିଲେ ଯେ ସେ ଜଣକୁ ମଧ ଏ ପର୍ଯ୍ୟନ୍ତ ଏଥିପାଇଁ ପାଇବାରେ ସକ୍ଷମ ହୋଇନାହାନ୍ତି । ସେ କହିଲେ ଦୁଇଜଣ ବ୍ୟକ୍ତିଙ୍କୁ,.. ସେ କହିଥିଲେ କିନ୍ତୁ ସେମାନେ ଯିବା ପାଇଁ ଅନିଚ୍ଛୁକ କାରଣ ସେମାନେ ଭାବନ୍ତି ଯେ ମୋ ବିଦ୍ୟାଳୟରେ କାର୍ଯ୍ୟ କରିବା ଏକ କଠିନ ବ୍ୟାପାର । ସେ ମଧ ଜଣାଇଦେଲେ ଯେ ଆମ ବିଦ୍ୟାଳୟର ଦୁଇଜଣ ଇଂରାଜୀ ଶିକ୍ଷକ ଓ ଜଣେ ବିଜ୍ଞାନ ଶିକ୍ଷକ, ଅନ୍ୟତ୍ର ବଦଳି ଯିବା ପାଇଁ ତାଙ୍କୁ ଅନୁରୋଧ କରିଥିଲେ । ଏହା ଶୁଣି ମୁଁ ଆଶ୍ଚର୍ଯ୍ୟ ଓ ଚକିତ ହେଲି ।

ଯେତେବେଳେ ଆମେ ବିଦ୍ୟାଳୟ ବିକାଶ ଯୋଜନା ଉପରେ କାର୍ଯ୍ୟ କଲୁ, ମୁଁ ଅନୁଭବ କରିବା ଆରମ୍ଭ କଲି କି ମୁଁ ଜଣେ ସ୍ୱେଚ୍ଛାସେବୀ ଭାବେ ବ୍ୟବହାର କରୁଅଛି । ମୁଁ ବିଦ୍ୟାଳୟର ଉନ୍ନତି ତଥା ପ୍ରଗତି ପାଇଁ ଅନେକ ନିଷ୍ପତ୍ତି ନେଇଛି ଓ ଅନେକ କାର୍ଯ୍ୟକାରୀ କରିଛି କିନ୍ତୁ କୌଣସି ଆଲୋଚନାରେ ସେମାନଙ୍କୁ ଭାଗ ନେବାକୁ, ଚିନ୍ତାଧାରା ପ୍ରକାଶ କରିବାକୁ ସୁଯୋଗ ଦେଇ ନାହିଁ । ସେମାନଙ୍କ ଅଭିଜ୍ଞତାକୁ ମଧ୍ୟ ଗୁରୁତ୍ୱ ପ୍ରଦର୍ଶନ କରିନାହିଁ । ଏଥିରେ କୌଣସି ଆଶ୍ଚର୍ଯ୍ୟ ହେବାର ନ ଥିଲା ଯେ ସେମାନଙ୍କ ମଧ୍ୟରୁ କେତେଜଣ ଚାପଗ୍ରସ୍ତ ଅନୁଭବ କରୁଥିଲେ ।

ମୁଁ ଅନୁଭବ କଲି ଯେ ଯଦିଓ ଶିକ୍ଷାର୍ଥୀମାନେ ବିଦ୍ୟାଳୟ ଆସିବାକୁ ପସନ୍ଦ କରୁଛନ୍ତି, ତଥାପି ଶିକ୍ଷକମାନଙ୍କୁ ଅଧିକ ଭଲଭାବେ ଯତ୍ନ ନେବା ଆବଶ୍ୟକ । ମୁଁ ବିଦ୍ୟାଳୟକୁ ଫେରିଲି ଏବଂ ମୋ ଶିକ୍ଷକମାନଙ୍କୁ ଅଧିକ ସହଭାଗୀପୂର୍ଣ୍ଣ ସହାୟତା ପ୍ରଦାନ ପାଇଁ ପ୍ରତିଜ୍ଞା କଲି । ପରବର୍ତ୍ତୀ ବୈଠକରେ ଧରାବନ୍ଧା ପ୍ରଶାସନିକ ଢ଼ାଞ୍ଚାରେ କାର୍ଯ୍ୟ କରିବା ପରିବର୍ତ୍ତେ ବିଦ୍ୟାଳୟର ଉନ୍ନତି ପାଇଁ ଆମେ କ'ଣ କରିବା ବୋଲି ଦଳରେ ଚିନ୍ତା କରିବାକୁ କହିଲି । ଗୋଟାଏ ସରଗରମ ଆଲୋଚନା ହେଲା ଓ ମୁଁ ପ୍ରକୃତରେ ଭାବିନଥିବା ପ୍ରସ୍ତାବଗୁଡ଼ିକ ସେମାନେ ପରାମର୍ଶ ଦେଲେ । ବର୍ତ୍ତମାନ ପରୀକ୍ଷା ଫଳାଫଳରେ ଉନ୍ନତି ହୋଇଥିବା ବିଷୟକୁ ସ୍ୱୀକାର କଲେ କିନ୍ତୁ ଏହା ମଧ୍ୟ ସ୍ପଷ୍ଟ ହୋଇଗଲା ଯେ ସେମାନେ ଅନ୍ୟାନ୍ୟ ଦିଗ ଉପରେ ମଧ୍ୟ ଅଧିକ ଗୁରୁତ୍ୱ ଦେଉଥିଲେ ।

ତା'ପରେ ଆମେ ଉନ୍ନତି କରି ହେବା କ୍ଷେତ୍ର ଉପରେ ଆଲୋଚନା କଲୁ। ବ୍ୟକ୍ତିଗତ-ଭାବେ ପ୍ରତିଟି ଶିକ୍ଷକଙ୍କ ସହ କଥାବାର୍ତ୍ତା ହେବା ପାଇଁ ସ୍ଥିର କଲି ଯାହାଫଳରେ ମୁଁ ସେମାନଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ହୋଇଥିବା କାର୍ଯ୍ୟ ପରିସର ବିଷୟରେ ଶୁଣିପାରିବି ଓ ଜଣେ ବ୍ୟକ୍ତିଭାବରେ ସେମାନଙ୍କ ବିଷୟରେ ଅଧିକ ଜାଣିବି।

### ଟିକିଏ ଚିନ୍ତା କରନ୍ତୁ

ଏହି ପରିସ୍ଥିତି ଅଧ୍ୟୟନ ଉପରେ ପ୍ରତିଫଳନ କରନ୍ତୁ। ଆପଣ ଭାବନ୍ତି କି ଯେ ଆପଣଙ୍କର ଶିକ୍ଷକମାନେ ଆପଣଙ୍କ ବିଦ୍ୟାଳୟରେ କାର୍ଯ୍ୟ କରିବା ପାଇଁ ଇଚ୍ଛା ପ୍ରକାଶ କରନ୍ତି। ସେମାନେ ଅନୁଭବ କରନ୍ତି କି ସେମାନଙ୍କୁ ଗୁରୁତ୍ୱ ଦିଆଯାଉଛି, ସହାୟତା ଦିଆଯାଉଛି ଓ ତାଙ୍କ ପାଇଁ ଚିନ୍ତା କରାଯାଉଛି ?

## ୬ ଆପଣଙ୍କ ଶିକ୍ଷକମାନଙ୍କୁ ଗୁରୁତ୍ୱ ଦେବା



ଚିତ୍ର ୨ : ଆପଣଙ୍କ ଶିକ୍ଷକମାନେ ଆପଣଙ୍କ ବୃତ୍ତିଗତ ବିକାଶର ଉଦାହରଣକୁ ଅନୁସରଣ କରିବେ।

ବୃତ୍ତିଗତ ବିକାଶ ପାଇଁ ଆପଣଙ୍କ ନିଜସ୍ୱ ଶିକ୍ଷଣ ପାଇଁ ଥିବା ମନୋବୃତ୍ତିର ସିଧାସଳଖ ପ୍ରଭାବ ଆପଣଙ୍କ ଶିକ୍ଷକମାନଙ୍କ ବୃତ୍ତିଗତ ବିକାଶ ଉପରେ ପଡ଼ିଥାଏ। ଆପଣଙ୍କଠାରେ କୌଶଳର ବିକାଶ ଓ ପରିବର୍ତ୍ତନ ପାଇଁ ପ୍ରସ୍ତୁତି ସେମାନଙ୍କୁ ପରିବର୍ତ୍ତିତ ହେବା ପାଇଁ ପ୍ରୋତ୍ସାହିତ କରିଥାଏ। ଆପଣଙ୍କ ଶିକ୍ଷକମାନେ ଆପଣଙ୍କ ସବୁଠାରୁ ବଡ଼ ସମ୍ବଳ ଓ ସେମାନଙ୍କୁ ଯଥା ସମ୍ଭବ ଭଲ ଶିକ୍ଷକ ହେବା ପାଇଁ ଆପଣ ସୁଯୋଗ ଦେବା ଆବଶ୍ୟକ। ଆପଣ ଆଶା ଓ ଅପେକ୍ଷା କରିବା ଆବଶ୍ୟକ କିପରି ସେମାନେ ଆପଣଙ୍କଠାରୁ ଭଲ ଶିକ୍ଷକ ହୋଇପାରିବେ।

ଆପଣ କେତେକ ଭିଡ଼ିଓରେ ଦେଖିପାରିବେ ଯେ ବିଦ୍ୟାଳୟର ମୁଖ୍ୟମାନେ ନେତୃତ୍ୱ ନେଉଥିବା ଶିକ୍ଷକଙ୍କ ବିଷୟରେ କହୁଥିବେ।

ଭିଡ଼ିଓ : ବିଦ୍ୟାଳୟ ନେତୃତ୍ୱ – ନେତୃସ୍ଥାନୀୟ ଶିକ୍ଷକମାନେ

ଭିଡ଼ିଓ: ବିଦ୍ୟାଳୟ ନେତୃତ୍ୱ – ଶିକ୍ଷଣ ପରିବେଶ

ଭିଡ଼ିଓ: ବିଦ୍ୟାଳୟ ନେତୃତ୍ୱ – ଶିକ୍ଷଣ ଓ ଶିକ୍ଷାଦାନକୁ ନେତୃତ୍ୱ ଦେବା

ଟେସ୍- ଭାରତ ଶିକ୍ଷକଙ୍କ ବିକାଶ ପାଇଁ ଥିବା ମୁକ୍ତ ଶୈକ୍ଷିକ ସମ୍ବଳ ସମୂହ ହେଉଛି ଆପଣଙ୍କ ଶିକ୍ଷକମାନଙ୍କୁ ନୂଆ ଅଭିବ୍ୟକ୍ତି ଶିଖିବା ପାଇଁ ଏବଂ ନୂତନ ଧାରଣା ଶିକ୍ଷାଦାନର ବିଭିନ୍ନ ଦିଗ ପାଇଁ ମାନ ପରୀକ୍ଷା କରିବା ପାଇଁ ସାଧନ ରୂପେ ସହାୟକ ହେବ। ସେମାନେ ନିଜକୁ ଶିକ୍ଷାର୍ଥୀର ସ୍ଥାନରେ ରଖି ଏବଂ ଚିହ୍ନଟ କରିବେ ଯେ ସେମାନେ ସାଧନ ବ୍ୟବହାର କରି ଦକ୍ଷତାର ବିକାଶ କରିବେ ଏବଂ ଶିକ୍ଷଣ ଓ ଶିକ୍ଷାଦାନ କାର୍ଯ୍ୟରେ ସକ୍ରିୟଭାବରେ ସଂପୃକ୍ତ ରହି ଓ ସହକର୍ମୀମାନଙ୍କ ସହ ସହଭାଗୀତା ସହ ବୃତ୍ତିଗତ ଅଭ୍ୟାସ କରିବେ।

ଶିକ୍ଷକ ହେବା ପାଇଁ ଶିକ୍ଷା ଏକ ଜଟିଳ ଓ ଜୀବନବ୍ୟାପୀ ପ୍ରକ୍ରିୟା। ଶିକ୍ଷକତା ଶିକ୍ଷଣ ଓ ବିକାଶର ଧାରଣା ପାଇଁ ଅନେକ ରୂପରେଖର ପ୍ରସ୍ତାବନା ରହିଛି କିନ୍ତୁ ସେ ମଧ୍ୟରୁ ଗୋଟିଏ ନିର୍ଦ୍ଦିଷ୍ଟଭାବରେ ଜଣେ ସଫଳ ଶିକ୍ଷକର ଜ୍ଞାନାତ୍ମକ ପରିସରରେ ୬ଟି ଦିଗ ରହିଛି।

- ପରିକଳ୍ପନା
- ଅଭିପ୍ରେରଣା
- ବୁଝାମଣା
- ଅଭ୍ୟାସ
- ପ୍ରତିଫଳନ
- ଗୋଷ୍ଠୀ

ସାରଣୀ ୨ର ଏଗୁଡ଼ିକ ଅନୁସନ୍ଧାନ କରାଯାଇଛି

ସାରଣୀ-୨ ଜଣେ ସଫଳ ଶିକ୍ଷକଙ୍କ ବିଭିନ୍ନ ଦିଗ ଉପରେ ମତାମତ :

| ଦିଗ | ମତାମତ |
|---|---|
| ପରିକଳ୍ପନା | ଭଲ ଶିକ୍ଷକମାନଙ୍କର, ସେମାନେ କ'ଣ ଉପଲବ୍ଧି ହାସଲ କରିବାକୁ ଚାହାନ୍ତି ତା'ର ଏକ ସ୍ୱଚ୍ଛ ପରିକଳ୍ପନା ରଖିଥା'ନ୍ତି। ଶିକ୍ଷାର୍ଥୀ-ଜ୍ଞାନ ଓ ଶିକ୍ଷଣ ଉପରେ ଥିବା ବିଶ୍ୱାସଗୁଡ଼ିକର ଏକ ସେଟ୍ କରି ରଖିଥା'ନ୍ତି। ସେମାନେ ତାଙ୍କର ପରିକଳ୍ପନାକୁ ଅନୁଭବର ଆଧାରରେ ଗ୍ରହଣ କରିବା ଓ ପ୍ରତିଫଳନ କରିବା ଉଚିତ୍। |
| ଅଭିପ୍ରେରଣା | ଭଲ ଶିକ୍ଷକମାନେ ସଂବୃଦ୍ଧି ଓ ବିକାଶ ପାଇଁ ଅଭିପ୍ରେରିତ ହେବା ଉଚିତ୍। |
| ବୋଧଗମ୍ୟତା | କ'ଣ କରିବାକୁ ହେବ ଓ କିପରି କରିବାକୁ ହେବ ସେ ବିଷୟରେ ଜଣେ ଉତ୍ତମ ଶିକ୍ଷକ ଜାଣିବା ଆବଶ୍ୟକ। ସେମାନେ କେଉଁ ବିଷୟ ପଢ଼ାଇବେ ଓ କିପରି ଫଳପ୍ରଦ ଭାବେ ପଢ଼ାଯାଇ ପାରିବ ସେ ବିଷୟରେ ଜାଣିବା ଆବଶ୍ୟକ। |
| ଅଭ୍ୟାସ | ଭଲ ଶିକ୍ଷକମାନେ ଜାଣନ୍ତି ଯେ ଅଭ୍ୟାସ ଏକ ଜଟିଳ ପ୍ରକ୍ରିୟା ଓ ସମୟକ୍ରମେ ବିକଶିତ ହୁଏ। ସେମାନେ ଜାଣନ୍ତି ପଠିତ ବିଷୟକୁ କିପର ଶ୍ରେଣୀରେ କାର୍ଯ୍ୟକାରୀ କରିବାକୁ ହୁଏ। ଭଲ ଶିକ୍ଷକମାନେ ବିଭିନ୍ନ ପନ୍ଥାକୁ ବ୍ୟବହାର କରି ସେଥିରୁ ମିଳୁଥିବା ଅଭିଜ୍ଞତାରୁ ଶିଖନ୍ତି। |
| ପ୍ରତିଫଳନ | ଭଲ ଶିକ୍ଷକମାନେ ଅଭିଜ୍ଞତାରୁ ଯାହା ଶିକ୍ଷା କରନ୍ତି ଓ ତାକୁ ପ୍ରତିଫଳନ କରନ୍ତି। ପ୍ରତିଫଳନ ନ ହେଲେ ଶିକ୍ଷକ ପରିବର୍ତ୍ତନ ଆଣିବାର ପାଇଁ ଦକ୍ଷତାରେ ଅଭାବ ଅନୁଭବ କରନ୍ତି। |
| ଗୋଷ୍ଠୀ | ଭଲ ଶିକ୍ଷକମାନେ ଗ୍ରହଣ କରନ୍ତି ଯେ ସେମାନେ ମଧ୍ୟ ଗୋଷ୍ଠୀର ଅଂଶବିଶେଷ ଓ ଏହି ଉଦ୍ଦେଶ୍ୟ ଓ ମୂଲ୍ୟବୋଧକୁ ସହଭାଗ କରନ୍ତି ଓ ଗୋଷ୍ଠୀରୁ ସହାୟତା ନିଅନ୍ତି ତଥା ଗୋଷ୍ଠୀକୁ ଆବଶ୍ୟକ ସହଯୋଗ ପ୍ରଦାନ କରନ୍ତି। |

### ଟିକିଏ ଚିନ୍ତା କରନ୍ତୁ

- ଜ୍ଞାନର ଏହି ଦିଗଗୁଡ଼ିକ ଆପଣଙ୍କ ବିଦ୍ୟାଳୟର ଶିକ୍ଷକମାନଙ୍କ ପ୍ରତି କିପରି ପ୍ରଯୁଜ୍ୟ ?
- କେତେ ଜଣ ଶିକ୍ଷକଙ୍କୁ ଆପଣ ଭଲ ବୋଲି ଚିତ୍ରଣ କରନ୍ତି ?
- ସାମଗ୍ରିକ ଭାବରେ ଆପଣଙ୍କ ଶିକ୍ଷକମାନଙ୍କର କେଉଁ ଦିଗରେ ସର୍ବାଧିକ ବିକାଶର ଆବଶ୍ୟକତା ରହିଛି ?

ଟେସ୍- ଭାରତ ମୁକ୍ତ ଶୈକ୍ଷିକ ସମ୍ବଳ ସମୂହ ଶିକ୍ଷକ-ଶିକ୍ଷଣର ଏହି ସବୁ ଦିଗକୁ ସହାୟତା ପ୍ରଦାନ କରେ। ଏହି ସମ୍ବଳ ସମୂହ ଅନୁମାନ କରିନେବାକୁ ଗ୍ରହଣ ନ କରି ଶିକ୍ଷକମାନଙ୍କୁ ସେମାନଙ୍କର ଶ୍ରେଣୀ ଗୃହରେ ନୂଆ ନୂଆ ଅଭିବ୍ୟକ୍ତିକୁ ପ୍ରେରିତ କରିଥାଏ। ବିଦ୍ୟାଳୟ ମୁଖ୍ୟ ଭାବରେ ଆପଣ ଆପଣଙ୍କ ଶିକ୍ଷକମାନଙ୍କୁ ପ୍ରୋତ୍ସାହିତ କରିବା ଓ ଏକାଠି କାମ କରିବା ପାଇଁ ସୁଯୋଗ ସୃଷ୍ଟି କରିବା ଭଳି ସ୍ଥିତିରେ ଅଛନ୍ତି।

## ୭ ସାରାଂଶ

ସଂପ୍ରତି ଶିକ୍ଷାରେ ପରିବର୍ତ୍ତନମାନ ଭାରତୀୟ ବିଦ୍ୟାଳୟର ମୁଖ୍ୟମାନଙ୍କ ଉପରେ ଅଧିକ ଦାୟିତ୍ୱ ପ୍ରଦାନ କରିଛି କିନ୍ତୁ ସେଗୁଡ଼ିକ ମଧ୍ୟ ଆପଣଙ୍କ ପାଇଁ ସୁଯୋଗ ସୃଷ୍ଟି କରୁଛି ଯେ ଆପଣ ଆପଣଙ୍କ ବିଦ୍ୟାଳୟରେ ପ୍ରକୃତ ପରିବର୍ତ୍ତିତ ଆଣିପାରିବେ ଓ ଶିକ୍ଷାର୍ଥୀମାନଙ୍କର ଶୈକ୍ଷିକ ଉପଲବ୍ଧିକୁ ଗ୍ରହଣ କରିବାକୁ ପ୍ରଭାବିତ କରିପାରିବେ। ଆପଣ ଏପରି ଏକ ବୃତ୍ତିରେ ଅଛନ୍ତି ଯେଉଁଠି ପରିବର୍ତ୍ତନ ଘଟିଥାଏ ଆପଣ ଏହି ପରିବର୍ତ୍ତନ ଆଣିବା ପାଇଁ ଆବଶ୍ୟକ ଗୁଣାବଳୀ ଓ ଦକ୍ଷତା ପ୍ରଦର୍ଶନ ପାଇଁ ନିର୍ଦ୍ଦେଶିତ। ଟେସ୍-ଭାରତ ମୁକ୍ତ ଶୈକ୍ଷିକ ସମ୍ବଳ ସମୂହ ଏହି ଆହ୍ୱାନକୁ ମୁକାବିଲା କରିବା ପାଇଁ ସହାୟତା ପ୍ରଦାନ କରିପାରିବ। ବିଶେଷତଃ ଆପଣଙ୍କ ବିଦ୍ୟାଳୟର ଶିକ୍ଷକମାନଙ୍କୁ ଜାତୀୟ ପାଠ୍ୟକ୍ରମ ରୂପରେଖ ୨୦୦୫ ଏବଂ ଶିକ୍ଷକ ଶିକ୍ଷା ପାଇଁ ଜାତୀୟ ପାଠ୍ୟକ୍ରମ ରୂପରେଖ ୨୦୦୯ରେ ନିର୍ଦ୍ଦେଶିତ ଆଧାର ଅନୁସାରେ ନୂଆ ଆଭିମୁଖ୍ୟ ଗ୍ରହଣ ଓ କାର୍ଯ୍ୟଗୁଡ଼ିକ ଭିନ୍ନ ଭାବରେ କରିବା ପାଇଁ ପ୍ରବର୍ତ୍ତାଇ ପାରିବେ।

ଏହି ଏକକଟି ଜଣେ ସକ୍ରିୟ ଶିକ୍ଷାର୍ଥୀ ଭାବରେ ଆପଣଙ୍କ ଗୁରୁତ୍ୱ, ଜ୍ଞାନ ଓ ଦକ୍ଷତା ମଧ୍ୟରେ ଥିବା ଫାଙ୍କକୁ ସମାଧାନଭିତ୍ତିକ ଆଭିମୁଖ୍ୟର ନମୂନା ରୂପେ ଗୁରୁତ୍ୱ ପ୍ରଦାନ କରାଯାଇଛି। ଆପଣ ଏହି ଏକକ ସହିତ କାମ କଲାବେଳେ ଆପଣ ଟେସ୍- ଭାରତ ବିଦ୍ୟାଳୟ ନେତୃତ୍ୱ ମୁକ୍ତ ଶୈକ୍ଷିକ ସମ୍ବଳ ସମୂହକୁ ବ୍ୟବହାର କରି ଏକ ଶିକ୍ଷଣ ଯୋଜନା ପ୍ରସ୍ତୁତ କରିପାରିଲେ, ଆପଣଙ୍କ ନିଜର ଅଗ୍ରଗତି, ଶିକ୍ଷଣ ଓ ଏହାକୁ ଅନ୍ୟ ସହକର୍ମୀମାନଙ୍କ ସହ ସହଯୋଗ ଦ୍ୱାରା ଆପଣ ଏହି ଯୋଜନା ଅନୁସାରେ କାମ କରିପାରିବେ।

## ସମ୍ବଳ

### ସମ୍ବଳ-୧ :ଟେସ୍-ଭାରତ ସମ୍ବଳ ସମୂହର ସାରାଂଶ

ବିଦ୍ୟାଳୟ ନେତୃତ୍ୱ ମୁକ୍ତ ଶୈକ୍ଷିକ ସମ୍ବଳ ସମୂହ (ଆପଣଙ୍କ ପାଇଁ)

ବିଦ୍ୟାଳୟ ନେତୃତ୍ୱ ପାଇଁ ଟେସ୍- ଭାରତର ୨୦ଟି ମୁକ୍ତ ଶୈକ୍ଷିକ ସମ୍ବଳ ପ୍ରସ୍ତୁତ କରାଯାଇଛି (ପ୍ରଧାନାଚାର୍ଯ୍ୟ, ପ୍ରଧାନ ଶିକ୍ଷକ, ଡ଼େପୁଟି ଏବଂ ଯେଉଁମାନେ ଏହି ଭୂମିକା ପାଇଁ ଅଭିପ୍ରେରିତ)।

ଏହି ସମ୍ବଳ ସମୂହ ବିଦ୍ୟାଳୟ ମୁଖ୍ୟମାନଙ୍କୁ ସେମାନଙ୍କର ଭୂମିକାର ବିଭିନ୍ନ ଦିଗ ପ୍ରତି ସହାୟତା ପ୍ରଦାନ କରେ, ଯେଉଁଥିରେ କି ବିଦ୍ୟାଳୟରେ ପରିବର୍ତ୍ତନ ଓ ବିକାଶ ପାଇଁ ଆବଶ୍ୟକ ପ୍ରକ୍ରିୟା ଓ ବ୍ୟବସ୍ଥାମାନ ମଧ୍ୟ ଅନ୍ତର୍ଭୁକ୍ତ। ଏହା ମଧ୍ୟ ବିଦ୍ୟାଳୟର ଶିକ୍ଷକମାନଙ୍କୁ ଶିକ୍ଷଣ ଓ ଶିକ୍ଷାଦାନରେ ପ୍ରକୃତ ପରିବର୍ତ୍ତନ ଆଣିବାରେ ଓ ବିଦ୍ୟାଳୟ କିପରି ଶିକ୍ଷଣକୁ ଫଳପ୍ରଦ ଓ ସମସ୍ତଙ୍କ ସହ ଗୁରୁତ୍ୱ ଦେବା, ସମର୍ଥ କରାଇବା ପାଇଁ ତିଆରି ହୋଇଛି। ଏଗୁଡ଼ିକ ସମ୍ବଳ-୩ରେ ତାଲିକା ଭୁକ୍ତ ହୋଇଛି।

## ମୁଖ୍ୟ ସମ୍ବଳସମୂହ

ଟେସ୍- ଭାରତ ମୁକ୍ତ ଶୈକ୍ଷିକ ସମ୍ବଳ ସମୂହ ଦଶଟି ମୂଳ ସମ୍ବଳ ଦ୍ୱାରା ସହାୟତା ପ୍ରାପ୍ତ। ଏହି ମୂଳ ସମ୍ବଳମାନ ଯାହା ସମସ୍ତ ବିଷୟ ଓ ଫଳାଫଳ ପାଇଁ ପ୍ରଯୁଜ୍ୟ ଆପଣଙ୍କୁ ତଥା ଆପଣଙ୍କ ଶିକ୍ଷକମାନଙ୍କୁ ଟେସ୍- ଭାରତ ମୁକ୍ତ ଶୈକ୍ଷିକ ସମ୍ବଳ ସମୂହର ଶିକ୍ଷଣ ବିଜ୍ଞାନରେ ପ୍ରୟୋଜକ ଦିଗ୍‌ଦର୍ଶନ ପ୍ରଦାନ କରୁଛି। ସେଗୁଡ଼ିକ ଶିକ୍ଷାର୍ଥୀମାନଙ୍କୁ ସଂଗଠିତ କରିବା ଉପାୟମାନ, ଶିକ୍ଷଣ କାର୍ଯ୍ୟ ଓ ଶିକ୍ଷକ-ଶିକ୍ଷାର୍ଥୀ ଓ ଶିକ୍ଷାର୍ଥୀ ଶିକ୍ଷକ ବାର୍ତ୍ତାଳାପ। ଏହି ମୂଳ ସମ୍ବଳସମୂହ ମୁକ୍ତ ଶୈକ୍ଷିକ ସମ୍ବଳ ସମୂହରେ ଉପଯୁକ୍ତ ଏବଂ ଅଲଗା ଅଲଗା ଲେଖା ରୂପେ ଶିକ୍ଷକ-ପ୍ରଶିକ୍ଷକ ବା ବିଦ୍ୟାଳୟରେ ଶିକ୍ଷକମାନଙ୍କ ପ୍ରଶିକ୍ଷକତା ବା ଅନ୍ୟ ସନ୍ଦର୍ଭରେ ବ୍ୟବହାର ପାଇଁ ଉପଲବ୍ଧ।

## ଦୃଶ୍ୟ-ଶ୍ରାବ୍ୟ ସାମଗ୍ରୀ

ମୌଳିକ ସମ୍ବଳ ସମୂହଗୁଡ଼ିକ ଶୀର୍ଷକମାନଙ୍କୁ ସଂଯୋଗ କରୁଥିବା ଭିଡ଼ିଓ କ୍ଲିପ୍‌ମାନଙ୍କର ଏକ ସେଟ୍ ମଧ୍ୟ ରହିଛି। ଯେଉଁଗୁଡ଼ିକ ମୁଖ୍ୟ ସହଭାଗୀ ଶ୍ରେଣୀ ଗୃହ କୌଶଳଗୁଡ଼ିକ ବର୍ଣ୍ଣନା କରୁଅଛି। ଏହି ଭିଡ଼ିଓ କ୍ଲିପ୍‌ଗୁଡ଼ିକରେ ଶିକ୍ଷକ ଓ ଶିକ୍ଷାର୍ଥୀମାନେ ସହଭାଗୀ ଶ୍ରେଣୀଗୃହ ଅଭ୍ୟାସମାନ କରୁଛନ୍ତି ଏବଂ ଦର୍ଶକମାନେ ନିର୍ଦ୍ଦିଷ୍ଟ କାର୍ଯ୍ୟକୁ ସୂଚୀତ କରିବା ପାଇଁ ନିର୍ଦ୍ଦେଶ / ଧାରା ବିବରଣୀ ମଧ୍ୟ ରହିଛି। ଏଗୁଡ଼ିକ ହିନ୍ଦୀ ଭାଷା ଶ୍ରେଣୀଗୃହରେ ଉତ୍ତୋଳନ କରାଯାଇଛି ତଥା କଥାକୁ ଅନ୍ୟ ରାଜ୍ୟର ଭାଷାରେ ପରିବର୍ତ୍ତିତ କରାଯାଇଛି। ଭିଡ଼ିଓ ସୂଚକ ଚିତ୍ର  (Icon) ଦ୍ୱାରା ଉପଯୁକ୍ତ ସ୍ଥାନରେ ଏହି ଭିଡ଼ିଓଗୁଡ଼ିକ ମୁକ୍ତ ଶୈକ୍ଷିକ ସମ୍ବଳ ସମୂହ ସହିତ ସଂଯୁକ୍ତ କରାଯାଇଛି ଏବଂ ଏହା ଦର୍ଶକମାନଙ୍କ ପାଇଁ ଅନ୍‌ଲାଇନ୍‌ରେ ମଧ୍ୟ ଉପଲବ୍ଧ। ଟାବଲେଟ୍, କମ୍ପ୍ୟୁଟର, ଦର୍ଶକମାନଙ୍କ ପାଇଁ ଅନ୍‌ଲାଇନ୍‌ରେ ମଧ୍ୟ ଉପଲବ୍ଧ। ଟାବଲେଟ୍, କମ୍ପ୍ୟୁଟର, ଭିଡ଼ିଓ, ମୋବାଇଲ୍ ଫୋନ୍‌ରେ ଏସ୍.ଡ଼ି. କାର୍ଡ଼ ଦ୍ୱାରା ବ୍ୟବହାର କରି ଦେଖିବା ପାଇଁ ଦର୍ଶକମାନେ ଇଣ୍ଟରନେଟ୍‌ରୁ ମଧ୍ୟ ଡ଼ାଉନ୍‌ଲୋଡ୍ କରିପାରିବେ।

## ଶିକ୍ଷକ ବିକାଶ ମୁକ୍ତ ଶୈକ୍ଷିକ ସମ୍ବଳ ସମୂହ (ଶିକ୍ଷକମାନଙ୍କ ପାଇଁ)

ଏଠାରେ ୪ଟି ମାଧ୍ୟମିକ ମୁକ୍ତ ଶୈକ୍ଷିକ ସମ୍ବଳ ୩ଟି ବିଷୟ ଇଂରାଜୀ, ଗଣିତ ଓ ବିଜ୍ଞାନରେ ୧୫ଟି ଲେଖାଏଁ କରି ରହିଛି। ଏହି ସମ୍ବଳମାନ ଶିକ୍ଷକ, ଶିକ୍ଷକ-ପ୍ରଶିକ୍ଷକମାନଙ୍କ ପାଇଁ ଉଦ୍ଦିଷ୍ଟ ଓ ଶିକ୍ଷକମାନଙ୍କୁ ଶ୍ରେଣୀଗୃହରେ କାର୍ଯ୍ୟକାରୀ କରିବା ପାଇଁ ପ୍ରତ୍ୟକ୍ଷ ଧାରଣା ପ୍ରଦାନ କରେ।

## ସମ୍ବଳ-୨ ସାରଣୀ :୨-୧ (ନେତୃତ୍ୱର ଦକ୍ଷତା ସମୂହ ଓ ତା'ର ଆକଳନ)

## ମାକ୍ ବ୍ୟାଥ୍ ଓ ମେୟର ୧୯୯୯ରୁ ଗୃହୀତ

| ନେତୃତ୍ୱର ଦକ୍ଷତା ମାନ | | ଆପଣ କିପରି ନିଜକୁ ମାପ କରନ୍ତି (ଗୋଟିଏ ସ୍ତମ୍ଭରେ '✔' କରନ୍ତୁ। | | | ନିକଟ ଅତୀତରେ କେଉଁ ପରିସ୍ଥିତିରେ ଆପଣ ଏହା କରିଛନ୍ତି |
|---|---|---|---|---|---|
| ଅନ୍ୟମାନଙ୍କ ସହ କାର୍ଯ୍ୟ କରିବା ପାଇଁ | ଅନ୍ୟମାନଙ୍କୁ ସାହାଯ୍ୟ କରିବା | ସବୁଠାରୁ ଦକ୍ଷ | ସାଧାରଣ ଭାବରେ ଦକ୍ଷ | ସ୍ୱଳ୍ପ ଦକ୍ଷ | |
| | ବ୍ୟକ୍ତିଗତ ଉଦ୍ୟମକୁ ଚିହ୍ନି ପାରିବା | | | | |
| | ଅନ୍ୟମାନଙ୍କ ଆତ୍ମପ୍ରତ୍ୟୟ ବଢ଼ାଇବା | | | | |
| | ବିକାଶ ଓ ପ୍ରତିଫଳନ ପାଇଁ ସୁଯୋଗ ଦେଇ ଅନ୍ୟକୁ ବିକଶିତ କରାଇବା | | | | |
| | ଉତ୍କଣ୍ଠା ହ୍ରାସ କରିବା | | | | |
| ଜଣେ ପ୍ରତିଫଳନାତ୍ମକ ଓ ସହାନୁଭୂତି ସମ୍ପନ୍ନ ଶ୍ରୋତା ଭାବରେ ଅନ୍ୟମାନଙ୍କୁ ସଶକ୍ତ କରିବା | ନିଷ୍ପତ୍ତି ନେବା ଆଗରୁ ବୁଝିବାକୁ ଚାହିଁବା | | | | |
| | ବ୍ୟକ୍ତିଗତ ଧାରଣା ଓ ସମସ୍ୟାକୁ ଶୁଣିବା | | | | |
| | ପ୍ରତିମତ (feedback) ପାଇଁ ସକ୍ରିୟ ରୂପେ ପ୍ରୋତ୍ସାହିତ ଦେବା | | | | |
| ଅନ୍ୟମାନଙ୍କୁ ସଶକ୍ତ କରିବା | ନିଷ୍ପତ୍ତି ନେବା ଓ ଦାୟିତ୍ୱବୋଧ ପାଇଁ ଅନ୍ୟମାନଙ୍କୁ ସଶକ୍ତ କରିବା | | | | |
| ଆଚରଣଗତ ଆଦର୍ଶ | ବ୍ୟକ୍ତିଗତ ସଙ୍କୋଚତା ପ୍ରଦର୍ଶନ | | | | |
| | ଯେଉଁ ପ୍ରକାରର ମନୋବୃତ୍ତି ଓ ମୂଲ୍ୟବୋଧ ଆପଣ ବିକାଶ କରିବାକୁ ଚାହାନ୍ତି ତାହାର ଅଭିବୃଦ୍ଧି | | | | |
| | ଯଥେଷ୍ଟ ଆଗ୍ରହ ପ୍ରଦର୍ଶନ | | | | |

| | | | | | |
|---|---|---|---|---|---|
| ନିଷ୍ପତ୍ତି ନେବାରେ କ୍ରିୟାଶୀଳ | ସ୍ପଷ୍ଟ ପରିକଳ୍ପନା / ସ୍ୱପ୍ନ ଓ ଦିଗ୍‌ଦର୍ଶନ ପ୍ରଦାନ | | | | |
| | ନିଷ୍ପତ୍ତି ଗ୍ରହଣ | | | | |
| | ମୌଳିକ ପ୍ରସଙ୍ଗ ଉପରେ ବୁଝାମଣା ବୃଦ୍ଧି | | | | |
| ପରିବର୍ତ୍ତନକୁ ପରିଚାଳନା କରିବା | କାର୍ଯ୍ୟ କରିବାର ନୂଆ ଧାରାଗୁଡ଼ିକୁ ପ୍ରୋତ୍ସାହିତ କରିବା | | | | |
| | ସମ୍ଭାବ୍ୟ ଅଗ୍ରୀମ ଆହ୍ୱାନଗୁଡ଼ିକର ପୂର୍ବାନୁମାନ | | | | |
| | ଭୁଲ୍‌ରୁ ଶିଖିବାର ସୁଯୋଗ ରୂପେ ବିଚାର କରିବା | | | | |
| ଦଳଗତ କାର୍ଯ୍ୟକୁ ପ୍ରୋତ୍ସାହିତ କରିବା | ସମସ୍ତଙ୍କୁ ସଂଶ୍ଳିଷ୍ଟ କରାଇ ଦଳଗତ କାର୍ଯ୍ୟକୁ ପ୍ରୋତ୍ସାହିତ କରିବା | | | | |

## ସମ୍ବଳ – ୩ : ବିଦ୍ୟାଳୟ ନେତୃତ୍ୱ ଶିକ୍ଷଣ ଫଳାଫଳ / ଉପଲବ୍ଧିଗୁଡ଼ିକ

*ସାରଣୀ – ୩.୧ (ଟେସ୍- ଭାରତ ବିଦ୍ୟାଳୟ ନେତୃତ୍ୱ ମୁକ୍ତ ଶୈକ୍ଷିକ ସମ୍ବଳ ସମୂହ)*

| **NCSL ର ମୂଳ ଦିଗ** | **ମୁକ୍ତ ଶୈକ୍ଷିକ ସମ୍ବଳର ଶୀର୍ଷକ** | **ଶିକ୍ଷଣ ଉପଲବ୍ଧି ମାନ** |
|---|---|---|
| ଆଭିମୁଖୀକରଣ | ପ୍ରାଥମିକ ବିଦ୍ୟାଳୟର ମୁଖ୍ୟ ଏକ ସମର୍ଥକାରୀ ରୂପେ | • ଆପଣଙ୍କର ବିଦ୍ୟାଳୟ ନେତୃତ୍ୱ ଦକ୍ଷତାର ସମୀକ୍ଷା ଓ ବିକାଶର କ୍ଷେତ୍ର ଚିହ୍ନଟ କରିବାକୁ ।<br>• ଟେସ୍- ଭାରତ ମୁକ୍ତ ଶୈକ୍ଷିକ ସମ୍ବଳ ସମୂହକୁ ବ୍ୟବହାର କରି ନିଜର ଶିକ୍ଷଣ ପଥ ତିଆରି କରିବାକୁ ଯାହା ଆପଣଙ୍କ ବିଦ୍ୟାଳୟ ନେତୃତ୍ୱ, କୌଶଳ ବୃଦ୍ଧି କରିବା ।<br>• ବିଦ୍ୟାଳୟରେ ଶିକ୍ଷଣର ସାମର୍ଥ୍ୟକାରୀ କ'ଣ ଜାଣିବେ । |

| | | |
|---|---|---|
| | ମାଧ୍ୟମିକ ଶିକ୍ଷକ ମୁଖ୍ୟ ଜଣେ ସମର୍ଥକାରୀ ରୂପେ | • ଆପଣଙ୍କ ବିଦ୍ୟାଳୟ ନେତୃତ୍ୱର କୌଶଳ ସମୀକ୍ଷା ଓ ବିକାଶର କ୍ଷେତ୍ର ଚିହ୍ନଟ<br>• ଟେସ୍-ଭାରତ ମୁକ୍ତ ଶୈକ୍ଷିକ ସମ୍ବଳ ସମୂହକୁ ବ୍ୟବହାର କରି ନିଜର ଶିକ୍ଷଣ ପଥ ତିଆରି କରିବ ଯାହାକି ଆପଣଙ୍କ ବିଦ୍ୟାଳୟ ନେତୃତ୍ୱ କୌଶଳ ବୃଦ୍ଧି କରିବା<br>• ବିଦ୍ୟାଳୟରେ ଶିକ୍ଷଣର ସାମର୍ଥ୍ୟକାରୀ କ'ଣ ଜାଣିବେ। |
| ପ୍ରଗତିଶୀଳତା ନେତୃତ୍ୱ | ଆପଣଙ୍କ ବିଦ୍ୟାଳୟ ପାଇଁ ଏକ ସହଭାଗୀ ସ୍ୱପ୍ନ / ପରିକଳ୍ପନା ନିର୍ମାଣ | • ସ୍ୱପ୍ନ / ପରିକଳ୍ପନାଟି କିପରି ବିଦ୍ୟାଳୟର ଅଭିବୃଦ୍ଧି / ବିକାଶ ପାଇଁ ପ୍ରତ୍ୟେକ ଦିନର କାର୍ଯ୍ୟାବଳୀକୁ ସୂଚୀତ କରୁଛି।<br>• ଆପଣଙ୍କ ନିଜ ବିଦ୍ୟାଳୟ ପାଇଁ କିପରି ସ୍ୱପ୍ନ / ପରିକଳ୍ପନା ତିଆରି କରିବେ<br>• ବିଦ୍ୟାଳୟରେ ପରିବର୍ତ୍ତନ ପାଇଁ ସ୍ୱପ୍ନ ପରିକଳ୍ପନା ନିର୍ମାଣ ଓ ତାକୁ କାର୍ଯ୍ୟକାରୀ କରିବାରେ ଅନ୍ୟମାନଙ୍କୁ କିପରି ସଂପୃକ୍ତ କରିବା |
| ବିଦ୍ୟାଳୟର ଆତ୍ମସମୀକ୍ଷାକୁ ଅଗ୍ରସର କରାଇବା | | • ବିଦ୍ୟାଳୟ ଆତ୍ମ-ସମୀକ୍ଷାର ଲାଭ ଓ ଆହ୍ୱାନଗୁଡ଼ିକ।<br>• ବିଦ୍ୟାଳୟ ଆତ୍ମ-ସମୀକ୍ଷାର ପ୍ରକୃତି ଓ ପ୍ରକ୍ରିୟା ଚକ୍ର।<br>• ଗୁଣାତ୍ମକ ଓ ପରିମାଣାତ୍ମକ ତଥ୍ୟଗୁଡ଼ିକୁ କିପରି ସଂଗ୍ରହ କରିବା। |
| ବିଦ୍ୟାଳୟ ବିକାଶ ଯୋଜନାକୁ ଅଗ୍ରସର କରାଇବା | | • ଏକ ଫଳପ୍ରଦ ବିଦ୍ୟାଳୟ ଯୋଜନା ପ୍ରକ୍ରିୟାର ପ୍ରମୁଖ ବିଷୟମାନ-<br>• ଶିକ୍ଷାର୍ଥୀମାନଙ୍କର ଶିକ୍ଷଣରେ ବିଦ୍ୟାଳୟ ବ୍ୟାପୀ ବିକାଶର ଯୋଜନା କରିବାକୁ<br>• ହିତାଧିକାରୀ / ଅଂଶଗ୍ରହଣକାରୀ ବିଶେଷତଃ ବିଦ୍ୟାଳୟ ପରିଚାଳନା କମିଟିକୁ ବିଦ୍ୟାଳୟ ବିକାଶ ଯୋଜନା ତିଆରି ପାଇଁ ସଂପୃକ୍ତ କରିବାକୁ।<br>• ଏକ ଫଳପ୍ରଦ ବିଦ୍ୟାଳୟ ବିକାଶ ଯୋଜନା ଲିପିବଦ୍ଧ କରିବା ଯାହା ଶିକ୍ଷାର୍ଥୀମାନଙ୍କ ଉପଲବ୍ଧିରେ ପରିର୍ତ୍ତନ କରିବାକୁ। |
| ବିବିଧତା ଉପରେ | ଆପଣଙ୍କ ବିଦ୍ୟାଳୟରେ ପରିବର୍ତ୍ତନକୁ | • ପ୍ରତ୍ୟେକ ଶିଶୁ ସର୍ବାଧିକ ଶିକ୍ଷଣ ଉପଲବ୍ଧି ହାସଲ କରିବାକୁ ବିବିଧତାର ଗୁରୁତ୍ୱକୁ ନିଶ୍ଚିତ କରିବା। |

| | | |
|---|---|---|
| ତଥ୍ୟକୁ ଆପଣଙ୍କ ବିଦ୍ୟାଳୟକୁ ବିକାଶ କରିବା | ଯୋଜନା କରିବା ତଥା ଅଗ୍ରସର କରାଇବା । | • ଆପଣଙ୍କ ବିଦ୍ୟାଳୟରେ ବିବିଧତାର ପ୍ରସଙ୍ଗକୁ ବୁଝିବା ଓ ସେଗୁଡ଼ିକୁ ନେଇ କାର୍ଯ୍ୟ କରିବା ପାଇଁ ତଥ୍ୟର ପ୍ରକାର ଓ ପ୍ରକୃତି ।<br>• ବିଦ୍ୟାଳୟ ମଧ୍ୟରେ ପରିବର୍ତ୍ତନ ପାଇଁ ଆଭ୍ୟନ୍ତରୀଣ ଓ ବାହ୍ୟକାରକ ଚିହ୍ନଟ ।<br>• ପରିବର୍ତ୍ତନଗୁଡ଼ିକ କାର୍ଯ୍ୟକାରୀ କରିବା ପାଇଁ ରହିଥିବା ଆହ୍ୱାନ ଚିହ୍ନଟ ।<br>• ବିଦ୍ୟାଳୟରେ ପରିବର୍ତ୍ତନଗୁଡ଼ିକ ଯୋଜନା ଓ ଆଗେଇ ନେବା ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ ।<br>• ଶୈକ୍ଷିକ ନେତୃତ୍ୱ ଚିହ୍ନଟ କରି ଆପଣଙ୍କ ଆଭିମୂଖ୍ୟଗୁଡ଼ିକ ସହିତ ସଂଯୋଗ କରିବା<br>• ଅନ୍ୟମାନଙ୍କ ମଧ୍ୟରେ ପରିବର୍ତ୍ତନ ପ୍ରକଳ୍ପ ମାଧ୍ୟମରେ<br>• ଉଦାହରଣୀୟ ନେତୃତ୍ୱ, ପ୍ରେରଣା, ଦିଗ୍‌ଦର୍ଶନ ସୃଷ୍ଟି କରିବା |
| | ଆପଣଙ୍କ ବିଦ୍ୟାଳୟରେ ପରିବର୍ତ୍ତନକୁ କାର୍ଯ୍ୟକାରୀ କରାଇବା | • ପରିବର୍ତ୍ତନର ପ୍ରକୃତି ଓ ଲୋକମାନେ କିପରି ଏହି ପରିବର୍ତ୍ତନ ପ୍ରକ୍ରିୟା ସମ୍ବେଦନଶୀଳ ।<br>• ପରିବର୍ତ୍ତନର ତତ୍ତ୍ୱମାନ ଓ ଏହାର ପ୍ରାସଙ୍ଗିକତା ନିଜ ବିଦ୍ୟାଳୟ ପରିପ୍ରେକ୍ଷୀରେ ଦେଖିବା ।<br>• ଅନ୍ୟମାନଙ୍କ ସହିତ ଓ ସେମାନଙ୍କ ଜରିଆରେ ପରିବର୍ତ୍ତନକୁ କିପରି କାର୍ଯ୍ୟକାରୀ କରାଯିବ । |
| ଆପଣ ନିଜକୁ ବିକାଶ କରାଇବା ସହ ପରିଚାଳିତ କରିବା | ଆପଣ ନିଜକୁ ବିକାଶ କରାଇବା ଓ ପରିଚାଳିତ କରିବା | • କାର୍ଯ୍ୟଗୁଡ଼ିକର ପ୍ରାଥମିକତା ନିର୍ଣ୍ଣୟ ଅନ୍ୟମାନଙ୍କୁ କାର୍ଯ୍ୟ କରାଇ ନେବା ଏବଂ ସମୟରେ ସଫଳ ବ୍ୟବହାର କରିବା ।<br>• ନିଜର ବ୍ୟକ୍ତିଗତ ଓ ବୃତ୍ତିଗତ ବିକାଶର ଯୋଜନା କରିବା ।<br>• ସ୍ମାର୍ଟ (Smart) ଲକ୍ଷ୍ୟଗୁଡ଼ିକ ସ୍ଥିର କରିବା । |
| ଶିକ୍ଷଣ ଶିକ୍ଷାଦାନ ପ୍ରକ୍ରିୟାର ରୂପାନ୍ତରଣ | ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷଣ ଓ ଶିକ୍ଷାଦାନରେ ଅଭିବୃଦ୍ଧିକୁ ଅଗ୍ରସର କରାଇବା | • ଟେସ୍-ଭାରତ ମୁକ୍ତ ଶୈକ୍ଷିକ ସମ୍ବଳ ସମୂହର ଗଠନ ଓ ଶିକ୍ଷଣ ବିଜ୍ଞାନ ସହିତ ପରିଚିତ ହେବା ।<br>• ମୁକ୍ତ ଶୈକ୍ଷିକ ସମ୍ବଳ ସମୂହର ବ୍ୟବହାର ଓ ଗ୍ରହଣ ଦକ୍ଷତାକୁ ସ୍ୱୀକୃତି ଦେବା ।<br>• ଶିକ୍ଷଣରେ ଶିକ୍ଷାର୍ଥୀମାନଙ୍କ ଅଂଶଗ୍ରହଣକୁ ବୃଦ୍ଧି ପାଇଁ ଏକ ଗୁରୁତ୍ୱ କ୍ଷେତ୍ର ଚିହ୍ନଟ କରିବା ।<br>• କିପରି ବିଦ୍ୟାଳୟରେ ଶିକ୍ଷଣ-ଶିକ୍ଷାଦାନରେ ଅଭିବୃଦ୍ଧିକୁ ଜାରି ରଖି ହେବ ଧାରଣା କରିବା । |

| | | |
|---|---|---|
| | ବିଦ୍ୟାଳୟରେ ଆକଳନକୁ ଅଗ୍ରସର କରାଇବା | • ଶିକ୍ଷଣ ପାଇଁ ଆକଳନ ଓ ଆକଳନ ପାଇଁ ଶିକ୍ଷଣକୁ ଅଲଗା କରିବା ।<br>• ଶିକ୍ଷକମାନଙ୍କ ସହିତ ଗଠନମୂଳକ ଆକଳନ ପାଇଁ କୌଶଳକୁ ଆଗେଇ ନେବା ।<br>• ଗଠନମୂଳକ ଆକଳନ ସମୟରେ ସଂଗୃହୀତ ତଥ୍ୟ ଓ ପ୍ରମାଣକୁ ବ୍ୟବହାର କରି ଶିକ୍ଷାର୍ଥୀମାନଙ୍କୁ ପ୍ରତିମତ (feedback) ପ୍ରଦାନ କରିବା ଯାହାକି ଶିକ୍ଷାର୍ଥୀମାନଙ୍କୁ ଶିକ୍ଷଣରେ ଅଭିବୃଦ୍ଧି ପାଇଁ ସହାୟକ ହେବ, ସେଥିପାଇଁ ଶିକ୍ଷକମାନଙ୍କୁ ସହାୟତା ପ୍ରଦାନ କରିବା । |
| ଶିକ୍ଷକ ଶିକ୍ଷାଦାନ ପ୍ରକ୍ରିୟାର ରୂପାନ୍ତରଣ | ବିଦ୍ୟାଳୟରେ ଏକ ଫଳପ୍ରଦ ଶିକ୍ଷଣ ସଂସ୍କୃତ ନିର୍ମାଣ | |
| | ବିଦ୍ୟାଳୟରେ ଅନ୍ତର୍ନିବେଶର ଅଭିବୃଦ୍ଧି | |
| | ସମ୍ବଳକୁ ଫଳପ୍ରଦ ଶିକ୍ଷାର୍ଥୀ-ଶିକ୍ଷଣ ରୂପେ ବ୍ୟବହାର | |
| | ବିଦ୍ୟାଳୟରେ ପ୍ରୟୋଜନୀୟ ବ୍ୟବହାରକୁ ଆଗେଇ ନେବା | |
| ପାରସ୍ପରିକତାକୁ ଆଗେଇ ନେବା | ପିତାମାତା ଏବଂ ବ୍ୟାପକ ବିଦ୍ୟାଳୟ ଗୋଷ୍ଠୀ ସହିତ ସଂଯୋଜିତ ହେବା | |

## ସମ୍ବଳ-୪ ଆପଣଙ୍କ ଶିକ୍ଷଣ ଯୋଜନା

***ସାରଣୀ –୪.୧*** *ଶିକ୍ଷଣ ଯୋଜନା*

| ଆଗାମୀ ଶିକ୍ଷା ବର୍ଷ ପାଇଁ ପ୍ରାଥମିକତା ଓ ପ୍ରତିବଦ୍ଧତା (ପାଠ୍ୟକ୍ରମ, ନୂଆ ପଦକ୍ଷେପ, ଯାହା ଆପଣ ନେଇଛନ୍ତି ଓ ହାସଲ କରିବାକୁ ଚାହାନ୍ତି, ବିଦ୍ୟାଳୟର ସ୍ୱସମୀକ୍ଷା ବା ବିକାଶ ଯୋଜନା ଇତ୍ୟାଦି। |
|---|
| |

| ଆଗାମୀ ୩ ମାସରେ ଅଧ୍ୟୟନ କରିବାକୁ ଥିବା ମୁକ୍ତ ଶୈକ୍ଷିକ ସମ୍ବଳ ସମୂହ |
|---|
| ୧.<br>୨.<br>୩. |

| ଆଗାମୀ ବର୍ଷରେ ଅଧ୍ୟୟନ କରିବାକୁ ଥିବା ମୁକ୍ତ ଶୈକ୍ଷିକ ସମ୍ବଳ ସମୂହ |
|---|
| ୧.<br>୨.<br>୩.<br>୪.<br>୫. |

| ମୁଁ ଏସବୁ ଅଧ୍ୟୟନ ପାଇଁ କିପରି ସମୟ ବାହାର କରୁଛି ? |
|---|
| |

| ମୁଁ ଯୋଜନା ଦିଗରେ କ'ଣ ସବୁ ପାଇଛି ? |
|---|
| |

| ମୁଁ ମୋ ଯୋଜନାରେ ଥିବା ପ୍ରତିବନ୍ଧକ କିପରି ଦୂର କରିବି ? |
| --- |
| |

| ମୁଁ ଏହି ଏକକକୁ କିପରି ମୋ ପାଇଁ ଉପଯୋଗ କରିବି ? |
| --- |
| |

| ମୁଁ ଜଣେ ଅଧ୍ୟୟନ-ସହଯୋଗୀ ବା ଦିଗଦର୍ଶକ ପାଇବା ପାଇଁ କ'ଣ କରିବି ଯେପରି ମୋ ଶିକ୍ଷଣ ଏବଂ ପ୍ରୟୋଗ ପାଇଁ ସାହାଯ୍ୟ କରିବ ? ମୁଁ କେତେ ଥର ତାଙ୍କ ସହ ଆଲୋଚନା କରିବି ? |
| --- |
| |

| ମୁଁ ମୋର ଶିକ୍ଷଣକୁ କିପରି ମୂଲ୍ୟାୟନ କରିବି ? |
| --- |
| |

## Additional resources

- National Centre for School Leadership: http://www.nuepa.org/ncsl.html

## References/bibliography


Bruner, J. (1996)*The Culture of Education*. London: Harvard University Press.

Gardner, H. (1997) *Leading Minds: An Autonomyof Leadership*. London: HarperCollins.

Lave, J. and Wenger, E. (1991)*Situated Learning: Legitimate Peripheral Participation*.New York, NY: Cambridge University Press.

MacBeath, J. (1998) *Effective School Leadership: Responding to Change*. London: Paul Collins.

MacBeath, J. and Myers, K.(1999) *Effective School Leaders: How to Evaluate and Improve Your Practice*. Harlow: Pearson.

Shulman, L.S. and Shulman, J.H. (2007) 'How and what teachers learn: a shifting perspective', *Journal of Curriculum Studies*,vol. 36, no. 2, pp. 257–71. Available from: http://www.peaunesco.com.br/encontro2013/SHULMAN_How%20and%20What%20Teachers%20Learn_(JrCurriculumStudies_2004).pdf (accessed 27 January 2015).

Tyagi, R.S. (2011) *Academic Supervision in Secondary Schools: School-based Approach for Quality Management*. New Delhi: NUPEA.

Wenger, E. (1998)*Communities of Practice: Learning, Meaning and Identity*. New York, NY: Cambridge University Press.

# Acknowledgements

Except for third party materials and otherwise stated below, this content is made available under a Creative Commons Attribution-ShareAlike licence (http://creativecommons.org/licenses/by-sa/3.0/). The material acknowledged below is Proprietary and used under licence for this project, and not subject to the Creative Commons Licence. This means that this material may only be used unadapted within the TESS-India project and not in any subsequent OER versions. This includes the use of the TESS-India, OU and UKAID logos.

Grateful acknowledgement is made to the following sources for permission to reproduce the material in this unit:

Table 1: adapted from: Gardner, H. (1997) *Leading Minds: An Autonomy of Leadership*. London: HarperCollins.

Table 2: adapted from Shulman, L.S. and Shulman, J.H. (2007) 'How and what teachers learn: a shifting perspective', *Journal of Curriculum Studies*, vol. 36, no. 2, pp. 257–71.

Table R2.1: adapted from: MacBeath, J. and Myers, K. (1999) *Effective School Leaders: How to Evaluate and Improve Your Practice*. Harlow: Pearson.

Every effort has been made to contact copyright owners. If any have been inadvertently overlooked the publishers will be pleased to make the necessary arrangements at the first opportunity.

Video (including video stills): thanks are extended to the teacher educators, headteachers, teachers and students across India who worked with The Open University in the productions.